## ସଂକ୍ଷେପରେ

### ୧୩ରୁ ତିଖାଲି ଡ୍ୟାମ୍ ଲୋକ ମହୋତ୍ସବ




**ଖଡ଼ିଆଳ, ୧୦।୩ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ୍ ତିଖାଲି ଡ୍ୟାମ୍ ଲୋକ ମହୋତ୍ସବ ଆସନ୍ତା ୧୩ରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ତିଖାଲି ଶିବ ମନ୍ଦିର ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ତଥା ମହୋତ୍ସବ କମିଟି ସଭାପତି ଗୌତମ ତାଣ୍ଡି ଅଧ୍ୟକ୍ଷତା କରି ମହୋତ୍ସବ ସମ୍ପର୍କରେ ଖବରଦାତାଙ୍କୁ ଅବଗତ କରାଇଥିଲେ। ସାଧାରଣ ସମ୍ପାଦକ ପରମେଶ୍ୱର ବାରିକ ସ୍ୱାଗତ ଅଭିଭାଷଣ ରଖିଥିଲେ। ମହୋତ୍ସବ କମିଟି ଉପସଭାପତି ରମେଶ ଠାକୁର, ଦଶମୁ ବେହେରା ଓ ଶ୍ୟାମସୁନ୍ଦର କୁଲଦୀପ, କୋଷାଧ୍ୟକ୍ଷ ବାପିନା ସାହୁ ମଞ୍ଚାସୀନ ରହି ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହୋତ୍ସବ ଅବସରରେ ଅଞ୍ଚଳର ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ହେରାମ୍ବ ଶବର, କୁନାଲ ଚରଣ ବେହେରା, ନରେଶ ମହାରଥା, ସରପଞ୍ଚ ଜିତୁ କୁମାର, ସରପଞ୍ଚ କୁନୁ ଚରଣ ବେହେରାଙ୍କ ସମେତ ଜିଲା ଓ ବ୍ଲକ୍‌ସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଶଙ୍ଖା ଖେଳ ବେଳେ ଚଢାଉ, ୩ ଗିରଫ

**ଖଡ଼ିଆଳ, ୧୦।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳରେ ଶଙ୍ଖା ଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଳ ଲାଲସାହେବ ପଡ଼ାର ଗିରିଧାରୀ ନିଆଲ (୩୮), ନନ୍ଦ ନିଆଲ (୨୬) ଓ ଅଶୋକ ମହଲିଙ୍ଗ (୩୫)। ପୋଲିସ ସୂଚନା ଅନୁଯାୟୀ, ଖଡ଼ିଆଳ ସହର ଭିତରେ ଥିବା ଇଣ୍ଡୋର ଷ୍ଟାଡିୟମ ପାର୍ଶ୍ୱରେ ଶଙ୍ଖାଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସ ଅଭିଯୁକ୍ତଙ୍କୁ ଧରି ସେମାନଙ୍କଠାରୁ ୧୯, ୬୦୦ ଟଙ୍କା, ତିନିଗୋଟି ମୋବାଇଲ, ଶଙ୍ଖାରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଏହାସହ ବେଆଇନ ଶଙ୍ଖା ଖେଳାଉଥିବା ଅଭିଯୋଗରେ ମଙ୍ଗଳବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଏସ୍‌ଆଇ ଅନିରୁଦ୍ଧ ମେହେର ପ୍ରକାଶ କରିଛନ୍ତି।

### ଆଦିବାସୀ ନେତାଙ୍କ ପରଲୋକ

**କର୍ଲାମୁଣ୍ଡା, ୧୦।୩ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ କୋଷାଧ୍ୟକ୍ଷ ତଥା ହୋଟେଲ ମାଲିକ ନରେନ୍ଦ୍ର ଶବର (୫୩)ଙ୍କ ମଙ୍ଗଳବାର



ପରଲୋକ ହୋଇଯାଇଛି। ସୂଚନାମତେ ଶବର ପ୍ରତ୍ୟୁଷରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଡାକ୍ତରଖାନା ନେବା ପୂର୍ବରୁ ହୃଦ୍‌ଘାତରେ ତାଙ୍କର ବିୟୋଗ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବ୍ଲକ ଆଦିବାସୀ ସଂଘର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ୨ ପୁଅ ସହ ସ୍ତ୍ରୀ ରହିଛନ୍ତି।

# ଖରିଫ ସରିନି, ରବି ପାଇଁ ପଞ୍ଜୀକରଣ ଆରମ୍ଭ

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**



ରାତିରେ ଚାଲିଛି ଖରିଫ ଧାନ ମଣ୍ଡି।

ରାଜ୍ୟରେ ରବି (ଡାଲୁଅ) ଧାନ ସଂଗ୍ରହ ପଞ୍ଜୀକରଣ ପ୍ରକ୍ରିୟା ୧୦ ତାରିଖଠାରୁ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ କଳାହାଣ୍ଡି ଜିଲାରେ ରବିଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ପ୍ରଥମ ଦିନରେ ବିଭାଗୀୟ ୱେବ୍‌ସାଇଟ ଖୋଲି ନ ଥିବାରୁ ଚାଷୀମାନେ ରବିର ରିନୁଆଲ ଫର୍ମ ନ ପାଇ ପଞ୍ଜୀକରଣ କରିପାରି ନ ଥିବା ଜଣାପଡ଼ିଛି। ଜିଲାରେ ସମୁଦାୟ ୧୬୩ ପ୍ରାଥମିକ କୃଷି ସମବାୟ ସମିତି ଓ ଅଧିକୃତ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସ୍ଥାନୀୟ ଅଞ୍ଚଳର ଚାଷୀ ପଞ୍ଜୀକରଣ କରିବେ। ସରକାରଙ୍କ ପକ୍ଷରୁ ଖରିଫ ଧାନ ଭଳି ରବିଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବା

**ସାଇଟ୍ ଖୋଲିଲାନି, ରିନୁଆଲ ଫର୍ମ ପାଇଲେନି ଚାଷୀ**

ବେଳେ 'କୃଷକ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଚାଷୀଙ୍କୁ ଅତିରିକ୍ତ ୭୩୧ଟଙ୍କାର ଇନ୍‌ପୁଟ ସହାୟତା ପ୍ରଦାନ କରାଯିବ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆଧାରଭିତ୍ତିକ ଇ-କେୱାଇସି ଏବଂ ବାୟୋମେଟ୍ରିକ ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି। ଧାନବିକ୍ରିର ଅର୍ଥ ସିଧାସଳଖ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ପଠାଯିବ। ଯେଉଁ ଚାଷୀମାନେ ପୂର୍ବରୁ ପଞ୍ଜୀକୃତ ହୋଇଛନ୍ତି, ସେମାନଙ୍କ ପାଇଁ ଏହି ପ୍ରକ୍ରିୟାକୁ ଅଧିକ ସହଜ କରି ନବୀକରଣ ବ୍ୟବସ୍ଥା କରାଯାଇଛି। ତେବେ ଗତବର୍ଷ ମାର୍ଚ୍ଚ ୧୫ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ସରକାର କିନ୍ତୁ ୫ଦିନ ପୂର୍ବରୁ ଏହାକୁ ଆରମ୍ଭ କରିଛନ୍ତି। ହେଲେ ଆରମ୍ଭ ଦିନରୁ ହିଁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଜିଲାରେ ବର୍ତ୍ତମାନ ସୁଦ୍ଧା ଖରିଫ ମଣ୍ଡି ଚାଲିଥିବାବେଳେ ରବି ପାଇଁ ପଞ୍ଜୀକରଣ ଆରମ୍ଭ ହେବା ଚର୍ଚ୍ଚାର ବିଷୟ ହୋଇଛି। ଗତବର୍ଷ ଖରିଫ ମଣ୍ଡି ଫେବୃଆରୀ ୧୦ ତାରିଖରେ ଶେଷ ହୋଇଥିବାବେଳେ ଚଳିତ ଖରିଫ ମଣ୍ଡି ଅଧିକ ମାସେ ବିତିଯାଇଥିଲେ ମଧ୍ୟ ଶେଷ ହେବାର ନା ଧରୁନାହିଁ। ବର୍ତ୍ତମାନ ସୁଦ୍ଧା ଜିଲାରେ ୧ ଲକ୍ଷ ୨୦ ହଜାର ଚାଷୀଙ୍କ ପ୍ରାୟ ସାଢେ ୬୪ ଲକ୍ଷ କୁଇଣ୍ଟାଲ ଧାନ କିଣା ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାର ଅନେକ ମଣ୍ଡିରେ ଏବେ ମଧ୍ୟ ୩୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିଥିବା ଜଣାପଡ଼ିଛି। ଗତ କିଛିଦିନ ହେଲା ଜିଲାରେ ଦିନବେଳା ପ୍ରଚଣ୍ଡ ଖରା ହେଉଥିବାରୁ ରାତିରେ ମଣ୍ଡି କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳିଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ



ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ମହାସଂଘ କର୍ମକର୍ତ୍ତା।

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନୀପୁରସ୍ଥିତ ଶାସ୍ତ୍ରିଜୀ ଶିକ୍ଷା ନିକେତନର ନବମଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ସାହୁ (୧୪)ଙ୍କ ମୃତ୍ୟୁକୁ ଇତିମଧ୍ୟରେ ଏକସପ୍ତାହ ବିତିଯାଇଥିଲେ ମଧ୍ୟ ରହସ୍ୟ ଉନ୍ମୋଚନ ହୋଇପାରି ନାହିଁ। ମୃତକଙ୍କ ବାପା ମନ୍ମଥ ସାହୁ ପାଣିରେ ବୁଡ଼ି ମୃତ୍ୟୁ ଘଟଣାକୁ ଗ୍ରହଣ ନ କରି ଏହା ହତ୍ୟା ବୋଲି ଦାବି କରୁଛନ୍ତି। ଏହାକୁ ନେଇ ସେ ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ପୋଲିସ ଶିକ୍ଷା ନିକେତନର ହଷ୍ଟେଲ ୱାର୍ଡେନ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନୋଟିସ ଜାରି କରି ନିଜ କାମ ସାରିଦେଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନରେ ଲିଖିତ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ମଙ୍ଗଳବାର ଦକ୍ଷିଣୀ ଶୌଣ୍ଡିକ ମହାସଂଘ କର୍ମକର୍ତ୍ତା କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡାଙ୍କୁ ସାକ୍ଷାତ କରି ଲିଖିତ

**ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ ଘଟଣା**

ଅଭିଯୋଗ ଦେଇଛନ୍ତି। ଏଥିରେ ଛାତ୍ର ସୌମ୍ୟ ରଞ୍ଜନଙ୍କ ମୃତ୍ୟୁ ଘଟଣାର ଉଚିତ ତଦନ୍ତ ସହ ଦାୟିତ୍ୱରେ ଅବହେଳା କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ମହାସଂଘର କଳାହାଣ୍ଡି ଓ ଟିଟିଲାଗଡ ସବ୍‌ଡିଭିଜନ ଜିଲା ସଭାପତି ଥବିର ପ୍ରସାଦ ସାହୁଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଜୁନାଗଡ ଓ ଧର୍ମଗଡ଼ ଆଞ୍ଚଳିକ କମିଟି ସଭାପତି ବିଦ୍ୟାଧର ସାହୁ, ଜିଲା କମିଟିର ଆଇନ ପରାମର୍ଶଦାତା ସଚ୍ଚିଦାନନ୍ଦ ସାହୁ, ସଦର କମିଟି ସଭାପତି କୁଳମଣି ସାହୁ, ସହର କମିଟି ସମ୍ପାଦକ ସୁବୋଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏସ୍‌ପି ଦେବରକୋଣ୍ଡା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିବା ଜଣାପଡିଛି।

# ପରୀକ୍ଷା ବର୍ଜନ କରି ତାଲା ପକାଇଲେ ଅଭିଭାବକ



ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରୁଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ।

**ଥୁଆମୂଳ ରାମପୁର, ୧୦।୩ (ଦୁର୍ଗା କୀର୍ତ୍ତି)**

ଥୁଆମୂଳ ରାମପୁର ବ୍ଲକର ବିରିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେଲା ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ଏହି କାରଣରୁ ପିଲାଙ୍କ ପାଠପଢା ହୋଇ ନ ଥିବା ଦର୍ଶାଇ ଅଭିଭାବକମାନେ ବାର୍ଷିକ ପରୀକ୍ଷା ବର୍ଜନ କରିବିଦ୍ୟାଳୟରେ ତାଲା ପକାଇଦେଇଛନ୍ତି। ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ବାଲ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ପିଲାଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ପ୍ରଧାନ ଶିକ୍ଷୟିତ୍ରୀ ପ୍ରାୟ ସମୟ ସରକାରୀ ଓ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଜଣେ ମାତ୍ର ଶିକ୍ଷକଙ୍କ ଭରସାରେ ଶହେରୁ ଅଧିକ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି।

**ବିରିକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ**

ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ପାଇଥିଲେ ମଧ୍ୟ ସେ ଅଧିକାଂଶ ସମୟ ଛୁଟିରେ ରହୁଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାଛଡା ଶ୍ରେଣୀଗୃହ ଅଭାବ ଓ ପାଚେରି ନ ଥିବାରୁ ଛାତ୍ରୀଛାତ୍ର ଅସୁରକ୍ଷିତ ଅନୁଭବ କରୁଛନ୍ତି। ଆମ ପିଲା କିଛି ପଢ଼ିନାହାନ୍ତି, ତେଣୁ କିପରି ପରୀକ୍ଷା ଦେବେ। ସରକାରଙ୍କ 'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ' ନାରା ଏଠାରେ କେବଳ ପ୍ରହସନ ମାତ୍ର ବୋଲି ଅଭିଭାବକମାନେ କୋହଭରା କଣ୍ଠରେ କହିଛନ୍ତି। ଆଜିର ଏହି ବିକ୍ଷୋଭ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଧାକାନ୍ତ ନାଏକଙ୍କ ସମେତ କମିଟି ସଭ୍ୟ ଶ୍ରୀରାମ ନାଏକ, ଯୌବନ ନାଏକ, ନବୀନ ନାଏକ, ହରେରାମ ନାଏକ, ଅହଲ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟୂନ ୩ ଜଣ ନୂତନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଦାୟିତ୍ୱରେ ଥିବା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ତପିମଣି ଜାନି କହିଛନ୍ତି ଯେ, ଶିକ୍ଷକ ଅଭାବ ଯୋଗୁ ବିଦ୍ୟାଳୟରେ ତାଲା ପଡ଼ିଥିବା ଖବର ମିଳିଛି। ପିଲାଙ୍କ ପରୀକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତା ୨ଦିନ ମଧ୍ୟରେ ଜଣେ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଏପ୍ରିଲ ସୁଦ୍ଧା ଅଧିକ ଶିକ୍ଷକ ନିଯୁକ୍ତି ଦିଆଯିବା ସହ ବାତିଲ ହୋଇଥିବା ପରୀକ୍ଷା ପାଇଁ ନୂତନ କାର୍ଯ୍ୟସୂଚୀ ପ୍ରକାଶ କରାଯିବ ବୋଲି ସେ କହିଥିଲେ।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ଜିଲା ପ୍ରଶାସନ ଓ ଜିଲା ଡାକସେବା ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଞ୍ଚୟ ଓ ଆର୍ଥିକ ସେବା ସହକାରୀ ନିର୍ଦ୍ଦେଶକ ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକ, ଡାକ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଶିବିରର ଲକ୍ଷ୍ୟ ଓ ମଣିଷ ଜୀବନରେ ସ୍ୱଳ୍ପ ସଞ୍ଚୟର ଆବଶ୍ୟକତା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଜିଲା ଡାକସେବା ଉପଅଧୀକ୍ଷକ ଡାକସେବା ପକ୍ଷରୁ ଉପଲବ୍ଧ ହେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ସହକାରୀ ନିର୍ଦ୍ଦେଶକ ମହାନନ୍ଦ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର କିପରି ଡାକଘର କିମ୍ବା ବ୍ୟାଙ୍କରେ ଖାତା ଖୋଲି ନିଜ ସଞ୍ଚୟ ଅର୍ଥକୁ ସୁରକ୍ଷିତ ରଖି ଲାଭବାନ ହେବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହାସହ ସାଇବର ଠକେଇରୁ କିପରି ଦୂରେଇ ରହିବେ ସେ ସମ୍ପର୍କରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ପ୍ରାୟ ଦୁଇଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଚିତ୍ତରଞ୍ଜନ ଦାଶ ପାଇଲେ ଦିବ୍ୟାଙ୍ଗ ମିତ୍ର ପୁରସ୍କାର



ଚିତ୍ତରଞ୍ଜନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

**ନୂଆପଡ଼ା, ୧୦।୩ (ମକାରୁ ବେମାଲ)**

ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମାସିକ ସମୀକ୍ଷା ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ବିଭାଗର ସମସ୍ତ ଯୋଜନା ଉପରେ ଆଲୋଚନା ପରେ ଜଣାପଡିଥିଲା ଯେ, ବର୍ତ୍ତମାନ ଜିଲାରେ ୧୧୦୯୪୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ, ବିଧବା ତଥା ଭିନ୍ନକ୍ଷମ ଭତ୍ତା ପାଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୬୧୪ ଜଣ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ଯୋଜନାରେ ୬୮ ଜଣ, ଭିନ୍ନକ୍ଷମ ଛାତ୍ରବୃତ୍ତି ଯୋଜନାରେ ୪୧ ଓ ବାଣୀଶ୍ରୀ ଛାତ୍ର ବୃତ୍ତି ଯୋଜନାରେ ୪୦୦ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୈଠକରେ ଦିବ୍ୟାଙ୍ଗ ସହାୟତା ଅଭିଯାନ, ମଧୁବାବୁ ପେନସନ ଯୋଜନା, ଦିବ୍ୟାଙ୍ଗ ପେନ୍‌ସନ, ଜାତୀୟ ପରିବାର କଲ୍ୟାଣ ଯୋଜନା ଏବଂ ତୃତୀୟ ଲିଙ୍ଗୀଙ୍କ ପାଇଁ ସ୍ୱୀକୃତି ଯୋଜନାର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ଚିତ୍ତରଞ୍ଜନ ଦାଶଙ୍କୁ ଫେବୃଆରୀ ମାସ ପାଇଁ 'ଦିବ୍ୟାଙ୍ଗ ମିତ୍ର' ପୁରସ୍କାର ପ୍ରଦାନ କରାଯାଇଥିଲା। ଚିତ୍ତରଞ୍ଜନ ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ଅନେକ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରେ ସହାୟତା ଯୋଗାଇ ଦେଉଛନ୍ତି। ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ, ଉପ ଜିଲାପାଳ ସୁର୍ମି ସୋରେନ, ଜିଲା ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର ହରିଶଙ୍କର ନିଆଲ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ମୃତିରେଖା ନନ୍ଦ ଏବଂ ବିଭାଗର ବ୍ଲକ ସ୍ତରୀୟ, ବିଜ୍ଞାପିତ ଅଞ୍ଚଳ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଭବାନୀପାଟଣା, ୧୦।୩ (ଉତ୍ତମ କୁମାର ଦାଶ)**

ସମ୍ପ୍ରତି ୟୁଜିସି ୱେବ୍‌ସାଇଟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ହୋଇଛି। ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଗତ ୧ ସେପ୍ଟେମ୍ବର ୨୦୨୦ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା ହୋଇଥିଲା। କଳାହାଣ୍ଡି ପ୍ରତିଷ୍ଠା ଦିବସ ୧ ନଭେମ୍ବର ୨୦୨୩ରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତକରି କଳାହାଣ୍ଡି

**ୟୁଜିସି ୱେବ୍‌ସାଇଟରେ ହେଲା ନାମ ପରିବର୍ତ୍ତନ**

ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ କରି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାମ ଘୋଷଣା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ବିଜ୍ଞପ୍ତି ସଂଖ୍ୟା ୨୨ ଅନୁଯାୟୀ ୦୧ ଜାନୁୟାରୀ ୨୦୨୪ରୁ ଏହା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାମରେ ନାମିତ ହେଲା। ଏହାପରେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ୱେବ୍‌ସାଇଟରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନାମ ରହିଯାଇଥିଲା। ଉଚ୍ଚ ଶିକ୍ଷା ବିଭାଗ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଦସ୍ୟ ତଥା ୪୫ ତମ ଓଡିଶା ଇତିହାସ କଂଗ୍ରେସର ମୁଖ୍ୟ ଅତିଥି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଉଦ୍ୟମ ଓ କୁଳପତି ଡ. ନିବେଦିତା ନାଥ, ପୂର୍ବତନ କୁଳସଚିବ ପୀତାମ୍ବର ଭୋଇ, କୁଳସଚିବ ଡ. ଗୁଣନିଧି ନାଏକ, ମହାବିଦ୍ୟାଳୟ ବିକାଶ ପରିଷଦର ଅଧ୍ୟକ୍ଷ ଡ. ଧନଞ୍ଜୟ କୁମାରଙ୍କ ନିରନ୍ତର ପ୍ରୟାସରେ ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇଛି। ଡ. ନିବେଦିତା ନାଥ କୁଳପତି ଦାୟିତ୍ୱ ଗ୍ରହଣ କଲାପରେ ଡିସେମ୍ବର ୨୦୨୪ରୁ ୟୁଜିସି ଓ ଉଚ୍ଚଶିକ୍ଷା ବିଭାଗ ସହ ଯୋଗାଯୋଗ କରି ନାମ ପରିବର୍ତ୍ତନ ପାଇଁ ପ୍ରୟାସ ଜାରି ରଖିଥିଲେ। ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପତ୍ର ସଂଖ୍ୟା୯/୧୫/୨୦୨୧(ସିପିପି-ଆଇ / ପି ୟୁ) / ୧୦୨୪୦୬, ତା୫।୩।୨୦୨୫ରେ ସୂଚୀତ ହୋଇଛି। ନାମ ପରିବର୍ତ୍ତନ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶିତ ହେବା ପରେ ବିଶ୍ୱବିଦ୍ୟାଳୟ ତଥା ବୁଦ୍ଧିଜୀବୀ ମହଲରେ ଖୁସିର ଲହରି ଖେଳିଯାଇଛି।

# ୱାର୍ଡମେମ୍ବରଙ୍କ ଘରେ ପହଞ୍ଚିଲା ବ୍ଲକ ପ୍ରଶାସନ

**ଧରିତ୍ରୀ ପ୍ରଭାବ**

**ଥୁଆମୂଳ ରାମପୁର, ୧୦।୩ (ଦୁର୍ଗା କୀର୍ତ୍ତି)**



ଉଆଁସୀଙ୍କ ଘର ଆଗରେ ପ୍ରଶାସନିକ ଅଧିକାରୀଙ୍କ ସହ ପରିବାର ସଦସ୍ୟ।

ଧରିତ୍ରୀ ସମେତ ବିଭିନ୍ନ ଗଣାମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଥୁଆମୂଳ ରାମପୁର ସଦର ମହକୁମାର ୱାର୍ଡମେମ୍ବର ଉଆଁସୀ ମାଝୀଙ୍କ ଘରେ ପହଞ୍ଚିଛି ପ୍ରଶାସନ। ଉଆଁସୀଙ୍କ ପରିବାରର ୧୧ ସଦସ୍ୟ ଏକ ଭଙ୍ଗା ମାଟି କୁଡ଼ିଆରେ ଦୟନୀୟ ଅବସ୍ଥାରେ ରହୁଥିବା ନେଇ ଖବର ପ୍ରକାଶିତ ହୋଇଥିଲା। ପରେ ସୋମବାର ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଏଚ୍ ବିଭାଗର ଅଧିକାରୀ ରାଜେନ୍ଦ୍ର ନାରାୟଣ ସିଂଦେବ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସ୍ୱରେନ ଉଆଁସୀଙ୍କ ଘରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନିକ ସୂଚନା ଅନୁଯାୟୀ, ଉକ୍ତ ପରିବାରର ମଝିଆ ପୁଅ ବ୍ରଜ ମାଝୀ (୩୦) ଓ ବୋହୂ ମଞ୍ଜୁରୀ ମାଝୀଙ୍କ ନାମରେ ସମସ୍ତ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରାଯାଇଛି। 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ମଞ୍ଜୁରୀଙ୍କ ନାମରେ ଏହି ଗୃହ ଯୋଗାଇ ଦିଆଯିବ। ଅଧିକାରୀମାନେ ପରିବାର ସଦସ୍ୟଙ୍କଠାରୁ ସମସ୍ତ ନଥିପତ୍ର ସଂଗ୍ରହ କରିବା ସହ ଅନ୍‌ଲାଇନ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଶେଷ କରିଛନ୍ତି। ଆଧାର ସଂଯୁକ୍ତ ମୋବାଇଲ ନମ୍ବରକୁ ଓଟିପି ଆସିବା ପରେ ଖୁବଶୀଘ୍ର ସିଧାସଳଖ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଟଙ୍କା ପଠାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ବିନା ସୂଚନା ଫଳକରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ

**ନିମ୍ନମାନର କାମ, ଭିଜିଲାନ୍ସ ତଦନ୍ତ ଦାବି**

**କେସିଙ୍ଗା, ୧୦।୩ (ତୁମେଶ୍ୱର ସାହୁ)**



ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ କୋଠା।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କାଣ୍ଡେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିନା ସୂଚନା ଫଳକରେ ନୂତନ କୋଠା ନିର୍ମାଣ ଚାଲିଛି। ହେଲେ ନିମ୍ନମାନର କାମ ହେଉଥିବା ଗ୍ରାମବାସୀ ଅଭିଯୋଗକରି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସୂଚନା ଅନୁସାରେ ବହୁ ପୁରୁଣା ହୋଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂତନ କୋଠା ନିର୍ମାଣାଧୀନ ରହିଛି। କୋଠା ନିର୍ମାଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କଳାହାଣ୍ଡି ପକ୍ଷରୁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟିଟିଲାଗଡ଼ର ଜଣେ ଠିକାଦାରଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ହେଲେ ଆରମ୍ଭ ହେବାଠାରୁ ଜଣେ ମୁନ୍‌ସୀ ଦ୍ୱାରା କାମ ଚାଲିଛି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ କୋଠାର ଫାଉଣ୍ଡେଶନ କାମ ନିମ୍ନମାନର। ବାଲି, ମେଟାଲ ସହ କମ୍ ପରିମାଣରେ ସିମେଣ୍ଟ ମିଶାଇ କାମ କରାଯାଇଛି। ପାଣି ସିଞ୍ଚନ ମଧ୍ୟ ଠିକ୍ ଭାବେ କରାଯାଉ ନାହିଁ। ଗ୍ରୀଷ୍ମଋତୁରେ ଅଧିକ ପାଣି ସିଞ୍ଚନ ନ କଲେ ଫାଟିଯିବା ଆଶଙ୍କା ରହିଛି। ପିଲର ଓ ଛାତରେ ନିମ୍ନମାନର ଲୁହାରଡ୍ ବ୍ୟବହାର କରାଯାଇଛି। ଶ୍ରମିକ ଭାବେ କାମ କରୁଥିବା ମହିଳା ପୁରୁଷଙ୍କୁ ସରକାରୀ ନିୟମ ଅନୁସାରେ ଦୈନିକ ୩୫୦ରୁ ୫୫୦ ଟଙ୍କା ଦେବା ବଦଳରେ ୨ଶହରୁ ଅଢେଇଶହ ଟଙ୍କା ଦିଆଯାଉଛି। ଏହାକୁ ନେଇ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଯିବା ନିୟମ ରହିଛି। ହେଲେ ଏଠାରେ କାମ ସରିବାକୁ ବସିଥିଲେ ମଧ୍ୟ ତାହା ଲଗାଯାଇ ନାହିଁ। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କାଣ୍ଡେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ହରେକୃଷ୍ଣ ଧଳଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ, ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଦ୍ୱାରା ଏହା ନିର୍ମାଣ ହେଉଛି ବୋଲି ପ୍ରକାଶ କରିଥିଲେ। ସିଡିଏମ୍‌ଓ ହରେକୃଷ୍ଣ ଶତପଥୀଙ୍କୁ ପଚାରିବାରୁ ଏନ୍‌ସିସି ସଂସ୍ଥା ଦ୍ୱାରା କୋଠା ନିର୍ମାଣ ଚାଲିଛି। ବୁଧବାର ଜେଇଙ୍କୁ ପଠାଇ କାମର ତଦନ୍ତ କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୋମାଂସ ଜବତ, ଜଣେ ଗିରଫ

**ଅତାବିରା, ୧୦।୩(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ଥାନା ପୋଲିସ ମଙ୍ଗଳବାର ଟୋପ ଗ୍ରାମରୁ ଗୋମାଂସ ଜବତ କରିଛି। ଏହାସହ ଉକ୍ତ ଘଟଣାରେ ଗ୍ରାମର କୃଷ୍ଣ ଆଣ୍ଡାଲିଙ୍କୁ ପୋଲିସ ଗିରଫ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ଗୋ ମାସ ବିକ୍ରି କରୁଥିବା ନେଇ କୁଜାପାଲି ଗ୍ରାମର ପ୍ରଶାନ୍ତ ଭୋଇ ପୋଲିସକୁ ସୂଚନା ଦେଇଥିଲେ। ତାଙ୍କ ସୂଚନାକୁ ଆଧାରକରି ପୋଲିସ ଚଢାଉ କରି ଗୋ ମାଂସ ଜବତ କରିଥିଲା। ଜବତ ଗୋମାଂସକୁ ପ୍ରାଣୀଧନ ଚିକିତ୍ସାଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### ସଟ୍ଟା ଚଢାଉ, ୨ ଗିରଫ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ମଙ୍ଗଳବାର ତୋରା ଗ୍ରାମରେ ଚାଲିଥିବା ସଟ୍ଟା ଆଡ୍ଡାରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ତୋରା କେନାଲ ପଡାର ଶ୍ୟାମ ସିକା (୩୮) ଏବଂ ବରାହଗୋଡା କେନାଲ ଛକର ରାଜେଶ ବାଗ(୩୨)। ସେମାନଙ୍କ ପାଖରୁ ନଗଦ ୫ ହଜାର ଟଙ୍କା, ସଟ୍ଟାଖେଳରେ ବ୍ୟବହୃତ କାଗଜାତ, କାଲକୁଲେଟର ଆଦି ଜବତ ହୋଇଛି। ଏ ନେଇ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା (ନଂ.୫୭/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ସାମାଜିକ କର୍ମୀ ଭୀମସେନଙ୍କ ପରଲୋକ

**ପାଇକମାଳ, ୧୦।୩(ବଢ଼ ଶତପଥୀ):** ପାଇକମାଳ ବ୍ଲକ ଛିନ୍ଦେଇକେଲାର ବିଶିଷ୍ଟ ସମାଜିକ କର୍ମୀ ତଥା ଜଣାଶୁଣା ବ୍ୟବସାୟୀ ଭୀମସେନ ସାହୁ (୯୩)ଙ୍କ ସୋମବାର



ରାତିରେ ପରଲୋକ ଘଟିଛି। ସାହୁ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା। ଥାଇ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁ ବରଣ କରିଥିଲେ। ସେ ଗାଁ ମନ୍ଦିର କମିଟିର, ତୈଳିଶ ବୈଶ୍ୟ ସମାଜର ସଭାପତି ଭାବରେ କାମ କରିଥିଲେ। ବଡ଼ ପୁଅ ସନ୍ତୋଷ ସାହୁ ମୁଖାଗ୍ନୀ ଦେଇଥିଲେ।

### ଆଦର୍ଶ ଗଣବିବାହ ପ୍ରସ୍ତୁତି ବୈଠକ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ରେ ଆସନ୍ତା ଏପ୍ରିଲ ୧୧ ତାରିଖ ଆଦର୍ଶ ଗଣ ବିବାହ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘଠାରେ ସମ୍ବିଧାନ ସୁରକ୍ଷା ମଞ୍ଚ ଓ ବାବା ସାହେବ ଆମ୍ବେଦକର ଚେରୀଟେବଲ ଟ୍ରଷ୍ଟ ପକ୍ଷରୁ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜାତି, ଯୌତୁକ ବିହୀନ ନିରାଡ଼ମ୍ବର ବିବାହକୁ ସଫଳ କରିବା ପାଇଁ ସଦସ୍ୟମାନେ ବୈଠକରେ ବିଭିନ୍ନ ମତ ରଖି ଥିଲେ। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଚାରିଟେବଲ ଟ୍ରଷ୍ଟର ସଭାପତି ଗୁଣମଣି ସୁନାନୀ, ଆଦର୍ଶ ଗଣ ବିବାହର ସଂସ୍ଥାପକ ପବିତ୍ର ଦେହେରୀ, ବରିଷ୍ଠ ସଦସ୍ୟ ହରଦୀପ ସିଂ, ପ୍ରୀତମ ସିଂ, ଆଇନଜୀବୀ ଆଶୁତୋଷ ରଥ, ଦୀନେଶ ଅଗ୍ରୱାଲ, ଅଲିମ ରିଜୀ, ଉଦ୍ଧବ ମହାନନ୍ଦ, ଉଦ୍ଧବ ସାହୁ, ଅଚ୍ୟୁତ ସର, ଅନିରୁଦ୍ଧ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ବିକ୍ରି ଅଚଳାବସ୍ଥା, ପୋଲିସ-ବିଜେଡି ମୁହାଁମୁହିଁ

## ତାଲା ପକାଇବାକୁ ନେଇ ଉତ୍ତେଜନା

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମଙ୍ଗଳବାରରୁ ଧାନବିକ୍ରି ପଞ୍ଜୀକରଣ ଆରମ୍ଭ ହୋଇଛି। ଅନ୍ୟପଟେ ଗତ ଖରିଫ୍‌ରେ ଅମଳ ଧାନବିକ୍ରି ପାଇଁ ବରଗଡ଼ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇ ପାରିନାହାନ୍ତି। ଏହାକୁ ନେଇ ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଧାନକ୍ରୟ କେନ୍ଦ୍ର ଉପରେ ନିର୍ଭରଶୀଳ ଗ୍ରାମଗୁଡ଼ିକର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନଗଦା କରି ପ୍ରତିବାଦ ଜାରି ରଖିଛନ୍ତି। ଗତ ୫ତାରିଖରୁ ଏଭଳି ପ୍ରତିବାଦ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ। ଅନ୍ୟପଟେ ଏହି ପ୍ରତିବାଦକୁ ସମର୍ଥନ ବଢ଼ି ଚାଲି ଥିବାବେଳେ ଆନ୍ଦୋଳନ ତୀବ୍ର ହେବା ସହିତ ଉତ୍ତେଜନା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।




ଚାଷୀଙ୍କ ଧାରଣାରେ ବିଜେଡି ନେତୃବୃନ୍ଦ ସାମିଲ ହୋଇଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ଜିଲା ବିଜେଡିର ଏକ ପ୍ରତିନିଧି ଦଳ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ କରିବାକୁ ଆସିଥିଲେ। ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ ଶତପଥୀ, ବରିଷ୍ଠ ନେତା ଗୌରହରି ମିଶ୍ରଙ୍କ ସମେତ ଅନେକ ଦଳୀୟ କର୍ମୀ ଏଥିରେ ସାମିଲ ଥିଲେ। ସେମାନେ ପହଞ୍ଚିବା ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିଥିବାରୁ ବିଜେଡି ନେତୃବୃନ୍ଦ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ତାଲା ଖୋଲିବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ କହିଥିଲେ। ମାତ୍ର ତାଲା ନ ଖୋଲିବାରୁ ସେଠାରେ ପୋଲିସ ଏବଂ ବିଜେଡି ପ୍ରତିନିଧି ଦଳ ମୁହାଁମୁହିଁ ହୋଇଥିଲେ। ଏହାକୁ ନେଇ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପରେ ତାଲା ଖୋଲିବାକୁ ପୋଲିସ ବାଧ୍ୟ ହୋଇଥିଲା।

ଏହାପରେ ବିଜେଡି ପ୍ରତିନିଧି ଦଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଅଧିକାରୀଙ୍କ ସହିତ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିଥିଲେ। ଚାଷୀଙ୍କ ଦାବିକୁ ତୁରନ୍ତ ମାନି ନେବାକୁ ଏହି ପ୍ରତିନିଧି ଦଳ ଉପସ୍ଥିତ ଅଧିକାରୀଙ୍କଠାରେ ଦାବି ଦୋହରାଇଥିଲେ। ସେହିପରି ରବିଧାନ ସଂଗ୍ରହ ପ୍ରକ୍ରିୟାର ଧାନବିକ୍ରି ପଞ୍ଜୀକରଣ ପାଇଁ ମାତ୍ର ୧୦ଦିନ ଅବଧି ଦିଆଯାଇ ଥିବା ଯୋଗୁ ତାକୁ ନେଇ ମଧ୍ୟ ବିଜେଡି ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏହି ସମୟସୀମାକୁ ମାର୍ଚ୍ଚ ୩୧ ସୁଦ୍ଧା ବୃଦ୍ଧି କରିବାକୁ ଦାବି କରିଥିଲେ। ଏହାସହ ନିଜର ହକ୍ ଦାବିରେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନକୁ ଓହ୍ଲାଇଥିବା ଚାଷୀଙ୍କ ପ୍ରତି ପୋଲିସ, ପ୍ରଶାସନର ବ୍ୟବହାରକୁ ସେମାନେ ସମାଲୋଚନା କରିଥିଲେ ଏବଂ ଉପରୋକ୍ତ ଦାବି ସମୂହ ତୁରନ୍ତ ପୂରଣ ନ ହେଲେ ବିଜେଡି ଆନ୍ଦୋଳନକୁ ଆହୁରି ତୀବ୍ର କରିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ସେହିପରି ଆମ୍ ଆଦ୍‌ମୀ ପାର୍ଟି, କୋଶଲ ସେନା, ସମ୍ବିଧାନ ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସଂଗଠନ ଚାଷୀଙ୍କ ଧାରଣାସ୍ଥଳୀକୁ ପହଞ୍ଚି ସମର୍ଥନ ଜଣାଇଥିଲେ। ତେବେ ଖବର ଲେଖାହେବା ସୁଦ୍ଧା(ରାତି ୮ଟା ପର୍ଯ୍ୟନ୍ତ) ଧାରଣା ଜାରି ରହିଥିବାବେଳେ ଧାରଣାସ୍ଥଳୀରେ ରନ୍ଧାବଢ଼ା କରି ଚାଷୀମାନେ ଭୋଜନ ସହ ରାତ୍ରିଯାପନ କରୁଥିବା ସୂଚନା ମିଳିଛି।

## ୧୩ରୁ ଟିଖାଲି ଡ୍ୟାମ୍ ଲୋକ ମହୋତ୍ସବ




**ଖଡ଼ିଆଳ, ୧୦।୩ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ୍ ଟିଖାଲି ଡ୍ୟାମ୍ ଲୋକ ମହୋତ୍ସବ ଆସନ୍ତା ୧୩ରୁ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଟିଖାଲି ଶିବ ମନ୍ଦିର ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଉପାଧ୍ୟକ୍ଷ ତଥା ମହୋତ୍ସବ କମିଟି ସଭାପତି ଗୌତମ ତାଣ୍ଡି ଅଧ୍ୟକ୍ଷତା କରି ମହୋତ୍ସବ ସମ୍ପର୍କରେ ଖବରଦାତାଙ୍କୁ ଅବଗତ କରାଇଥିଲେ। ସାଧାରଣ ସମ୍ପାଦକ ପରମେଶ୍ୱର ବାରିକ ସ୍ୱାଗତ ଅଭିଭାଷଣ ରଖିଥିଲେ। ମହୋତ୍ସବ କମିଟି ଉପସଭାପତି ରମେଶ ଠାକୁର, ଦଶମୁ ବେହେରା ଓ ଶ୍ୟାମସୁନ୍ଦର କୁଲଦୀପ, କୋଷାଧ୍ୟକ୍ଷ ବାପିନା ସାହୁ ମଞ୍ଚାସୀନ ରହି ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହୋତ୍ସବ ଅବସରରେ ଅଞ୍ଚଳର ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ହେରାମ୍ବ ଶବର, କୁନାଲ ଚରଣ ବେହେରା, ନରେଶ ମହାରଥା, ସରପଞ୍ଚ ଜିତୁ କୁମାର, ସରପଞ୍ଚ କୁନୁ ଚରଣ ବେହେରାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବରପାଲିକୁ ରାଜସ୍ୱ ଉପଖଣ୍ଡ ଦାବି ନେଇ ବୈଠକ



ବୈଠକରେ ଆଲୋଚନା ଚାଲିଛି।

**ବରପାଲି, ୧୦।୩(ଚିତ୍ତରଞ୍ଜନ ସାହୁ)**

ବରପାଲିକୁ ରାଜସ୍ୱ ଉପଖଣ୍ଡ ବା ସବ୍ ଡିଭିଜନ ଦାବି ନେଇ ମଙ୍ଗଳବାର ବରପାଲିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରପାଲି ଓକିଲ ସଂଘର ଆହ୍ୱାନକ୍ରମେ ସଂଘ କାର୍ଯ୍ୟାଳୟଠାରେ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ବରପାଲିକୁ ସବ ଡିଭିଜନ ଦାବି ଆଜି କି କାଲିର ନୁହେଁ, ଦୀର୍ଘ ପ୍ରାୟ ୨୫ ବର୍ଷ ତଳେ ବରପାଲି ସାମ୍ବାଦିକ ସଂଘ ଏହି ଦାବି ପ୍ରଥମେ ଉତ୍ଥାପନ କରିବା ପରେ ପର୍ଯ୍ୟାୟକ୍ରମେ ବଣିକ ସଂଘ, ଓକିଲ ସଂଘ ଆଦିଙ୍କ ନେତୃତ୍ୱରେ ବହୁବାର ଆନ୍ଦୋଳନ କରାଯାଇଛି ହେଲେ କିଛି ସୁଫଳ ମିଳିପାରି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୌଗୋଳିକ ଓ ଜନସଂଖ୍ୟା ଦୃଷ୍ଟିରୁ ବରପାଲି ସବ୍ ଡିଭିଜନ ହେବା ପାଇଁ ଉପଯୁକ୍ତ ହୋଇଥିବାରୁ ଏହି ଦାବିକୁ ସରକାରଙ୍କଠାରେ ଆବେଦନ ଓ ନିବେଦନକରି ନିରାଶ ହେଲେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ପ୍ରତିନିଧି ଦଳ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଓକିଲ ସଂଘର କର୍ମକର୍ତ୍ତା ଓ ସଭ୍ୟମାନଙ୍କ ସହ ବରପାଲି ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପବିତ୍ର ବାଗ, ପୂର୍ବତନ ନଗରପାଳ ଅଚ୍ୟୁତାନନ୍ଦ ଦାଶ, ଏମ୍‌ପି ପ୍ରତିନିଧି ପଦ୍ମଲୋଚନ ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି

**ଅତାବିରା, ୧୦।୩(ଯୁଧିଷ୍ଠିର ମହାପାତ୍ର):** ଅତାବିରା ଏନ୍‌ଏସି ୭ ନମ୍ବର ୱାର୍ଡ ଅନ୍ତର୍ଗତ କଲେଜ ଛକଠାରେ ମଙ୍ଗଳବାର ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ପଡ଼ିଛି। ଏଥିରେ ନିମନ୍ତ୍ରିତ କୀର୍ତ୍ତନ ମଣ୍ଡଳୀ ଭାବେ ଭୋଇପୁରା, ଭାଲୁପାଲି, ଲାଦରପାଲି, ଅତାବିରା, ଲାଦରପାଲି, ବୁଦେଲପାଲି, ରେଙ୍ଗାଲିପାଲି ଯୋଗଦେଇଥିଲେ। ପୂର୍ଣ୍ଣାହୁତି ଦିନରେ ସୁନୀତା ସାହୁ ଏବଂ ଭାନୁମତୀ ସେଠ ମହିଳା କୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ। ପୁରୋହିତ ପଣ୍ଡିତ ଜୟ କୁମାର ଦାଶ, ସଞ୍ଜୟ ଦାଶ ଓ ଅଜୟ ମହାପାତ୍ର ଏବଂ କର୍ତ୍ତାରୂପେ ସପତ୍ନିକ ଛନ୍ଦାଚରଣ ମେହେର ଓ ଲତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ରାଧାକୃଷ୍ଣ ମଣ୍ଡଳୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ସଟ୍ଟା ଖେଳ ବେଳେ ଚଢାଉ, ୩ ଗିରଫ

**ଖଡ଼ିଆଳ, ୧୦।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳରେ ଶଟ୍ଟା ଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଳ ଲାଲସାହେବ ପଡ଼ାର ଗିରିଧାରୀ ନିଆଲ, ନନ୍ଦ ନିଆଲ ଓ ଅଶୋକ ମହଲିଙ୍ଗ। ପୋଲିସ ସୂଚନା ଅନୁଯାୟୀ, ଖଡ଼ିଆଳ ସହର ଭିତରେ ଥିବା ଇଣ୍ଡୋର ଷ୍ଟାଡିୟମ ପାର୍ଶ୍ୱରେ ଶଟ୍ଟାଖେଳ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

# କୋଶଲ ସେନା ପ୍ରତିଷ୍ଠା ଦିବସ



କୋଶଲ ସେନା ପ୍ରତିନିଧିବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମଙ୍ଗଳବାର କୋଶଲ ସେନା ପ୍ରତିଷ୍ଠା ଦିବସ ପାଳନ କରିଛି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କ ଜରିଆରେ କୋଶଲ ସେନା ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୮ଦଫା ଦାବି କରାଯାଇଛି। ପଶ୍ଚିମ ଓଡ଼ିଶାକୁ ନିଶାମୁକ୍ତ କରାଯିବା, ଚାଷୀ ସମସ୍ୟାର ସ୍ଥାୟୀ ସମାଧାନ, ପଶ୍ଚିମ ଓଡ଼ିଶାରେ ବନ୍ଦ ପଡ଼ିଥିବା ଚିନିକଳଗୁଡ଼ିକର ପୁନରୁଦ୍ଧାର, ସମ୍ବଲପୁରୀ କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଆଦି ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ କୋଶଲ ସେନାର ବିରବଲ ମହାକୁଡ଼, ସୁଦାମ ପାତ୍ର, ଅଶୋକ ଛତର ଏବଂ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧକୁ ମିଳିଲା ପୌର ପରିଷଦର ମାନ୍ୟତା

**ବୌଦ୍ଧ, ୧୦।୩(ଅଜିତ କୁମାର ବାରିକ)**

ମାର୍ଚ୍ଚ ୧୦ଠାରୁ ବୌଦ୍ଧକୁ ବିଧିବଦ୍ଧ ଭାବରେ ପୌର ପରିଷଦର ମାନ୍ୟତା ମିଳିଛି। କିଛିଦିନ ପୂର୍ବରୁ ବୌଦ୍ଧ ପୌର ପରିଷଦର ନୂତନ ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇ ଆଗାମୀ ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ତେବେ ରାଜ୍ୟପାଳଙ୍କ ଦ୍ୱାରା ମୁରି ପରେ ବୌଦ୍ଧ ପୌର ପରିଷଦ ପାଇଁ ଚୂଡ଼ାନ୍ତ ଗେଜେଟ୍ ନୋଟିଫିକେଶନ ପ୍ରକାଶ ପାଇଛି। ନୂତନ ପୌର ପରିଷଦ ନିର୍ବାଚନ ନିର୍ଦ୍ଧାରିତ ଅବଧିରେ ହେବକି, ପୁରୁଣା ନିର୍ବାଚିତ ପରିଷଦ ହିଁ କାର୍ଯ୍ୟ କରିବ ବୋଲି ତାହାକୁ ନେଇ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି।

ସୂଚନା ମୁତାବକ, ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁରୁଷୁଣ୍ଡି ପଞ୍ଚାୟତ ସହିତ ହରଭଙ୍ଗା ବ୍ଲକର ୫ ଖଣ୍ଡ ଗ୍ରାମ କାଳେଶ୍ୱର, ରଇଠାଣି, ସାନବୁରୁପାଲି, ମାଉଲସିଙ୍ଗା, ସାନବାଗବର ଓ ସାନ ବଙ୍କାପଡା ଗ୍ରାମକୁ ବୌଦ୍ଧ ପୌର ପରିଷଦରେ ସାମିଲ କରାଯାଇଛି। ୱାର୍ଡ ସୀମା ନିର୍ଦ୍ଧାରଣ ପରେ ନୂତନ ପୌର ପରିଷଦକୁ ୨୫ ଗୋଟି ୱାର୍ଡରେ ବିଭକ୍ତ କରାଯାଇଛି। ୨୦୧୧ ଜନଗଣନାକୁ ଆଧାର କରି ପୌର ପରିଷଦ ଗଠନ କରାଯାଇଥିବା ବେଳେ ନୂତନ ପୌର ପରିଷଦରେ ୨୯,୮୧୦ ଜନସଂଖ୍ୟା ରେକର୍ଡ କରାଯାଇଛି। କିନ୍ତୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଜନଗଣନା କାର୍ଯ୍ୟ ଜାରି ରହିଥିବାବେଳେ ବୌଦ୍ଧ ପୌର ପରିଷଦର ଜନସଂଖ୍ୟା ୪୦ ହଜାର ଅତିକ୍ରମ କରିବା ଆଶା ରହିଛି।

# ସମଲେଶ୍ୱରୀଙ୍କ ଶୀତଳଯାତ୍ରା ଆରମ୍ଭ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଶୀତଳଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଅବସରରେ ଦେବୀଙ୍କ ମନ୍ଦିରରେ ନିମ୍ବଡାଳକୁ ସମଲେଶ୍ୱରୀଙ୍କ ସ୍ୱରୂପ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ନିମ୍ବଡାଳକୁ ରାସ୍ତାରେ ଟାଣି ସହର ପରିକ୍ରମା କରାଯାଇଥିଲା। ପରିକ୍ରମା ସମୟରେ ଦେବୀଙ୍କ ଶ୍ରଦ୍ଧାଳୁମାନେ ସେହି ନିମ୍ବଡାଳରେ ପାଣି ଢାଳି ଦେବୀଙ୍କ ଆଶୀର୍ବାଦ ନେଇଥିଲେ। ବରଗଡ଼ ଏହି ପରମ୍ପରା ଦୀର୍ଘବର୍ଷରୁ ରହି ଆସିଛି। ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏଭଳି ଭାବେ ଦେବୀଙ୍କ ଶୀତଳ ଯାତ୍ରା ହୋଇଆସୁଛି। ଏହି ସମୟରେ ଗ୍ରୀଷ୍ମର ପ୍ରବେଶ ସାୟାହ୍ନ ଥିବାବେଳେ ଲୋକେ ମିଳିମିଳା, ହାଡ଼ଫୁଟି



ସମଲେଶ୍ୱରୀଙ୍କ ସ୍ୱରୂପ ନିମ୍ବ ଡାଳକୁ ବରଗଡ଼ ସହର ପରିକ୍ରମା କରାଯାଉଛି।

ଭଳି ଆଦି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଦେବୀଙ୍କ ଶୀତଳ ଯାତ୍ରା ଦ୍ୱାରା ଧରାପୃଷ୍ଠ ଶୀତଳ ରହିଥାଏ ଏବଂ ଦେବୀଙ୍କ ସ୍ୱରୂପ ସହର ପରିକ୍ରମା କରୁଥିବା ନିମ୍ବଡାଳରେ ପାଣି ଢାଳିଲେ ହାଡ଼ଫୁଟି, ମିଳିମିଳା ଭଳି ସଂକ୍ରାମକ ରୋଗରୁ ମୁକ୍ତି ମିଳେ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

# ମୃତକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା

## ହାତୀ ଆକ୍ରମଣରେ ଚାଷୀମୃତ ଘଟଣା

**ଅତାବିରା, ୧୦।୩(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ଧାରିପାଲି ଗ୍ରାମର ଚାଷୀ ବେଣୁଧରଙ୍କ ହାତୀ ଆକ୍ରମଣରେ ସୋମବାର ମୃତ୍ୟୁ ଘଟିଥିଲା। ମଙ୍ଗଳବାର କଂଗ୍ରେସ ନେତା ଅଭିଷେକ ସେଟ ମୃତ ବେଣୁଧରଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଘଟଣା ପରେ ଗ୍ରାମରେ ଶୋକର ଛାୟା ଥିବା ବେଳେ ସୋମବାର ରାତ୍ରିରୁ ହାତୀ ଟି ତାର ଗତିପଥ ବଦଳାଇଛି। ଅନ୍ଧାରିପାଲି ସ୍ଥିତ ଗମ୍ଭାରୀପାଲି ଫାର୍ମ ଜଙ୍ଗଲରୁ ହାତୀ ବାହାରି ସମ୍ବଲପୁର ଡିଭିଜନର ଚିପିଲିମା ଅଞ୍ଚଳକୁ ଗତି କରୁଥିବା ଅତାବିରା ଫରେଷ୍ଟର ଉଷେଶ୍ୱରୀ ପ୍ରଧାନ କହିଛନ୍ତି। ଚାଷୀଙ୍କ ମୃତ୍ୟୁ ପରେ ହାତୀଟି ଉକ୍ତ ଅଞ୍ଚଳ ଛାଡୁ ନ ଥିଲା। ଫଳରେ ବନ ବିଭାଗର ମୁଣ୍ଡ ବ୍ୟଥାର



କଂଗ୍ରେସ ନେତା ମୃତ ଚାଷୀଙ୍କ ପରିବାରକୁ ଭେଟି ଆଲୋଚନା କରୁଛନ୍ତି।

କାରଣ ପାଲଟିଥିଲା। ତେବେ ଗତ ରାତିରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ହାତୀଟି ଗତିଶୀଳ ହୋଇଛି। ବରଗଡ଼ ଡିଏଫ୍‌ଓ ସରୋଜ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅତାବିରା ଫରେଷ୍ଟର ପ୍ରଧାନଙ୍କ ସମେତ ଡୁରୁମର ଲୋକେଶ୍ୱର ଭୋଇ, ବରଗଡ଼ର ସୁଦୀପ୍ତ ରଥ ଏବଂ କମଗାଁ ଫରେଷ୍ଟର କୈଳାସ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫରେଷ୍ଟ ଗାର୍ଡ ମୁତୟନ କରାଯାଇଛି। ମୃତ ବେଣୁଧରଙ୍କ ପରିବାର ବର୍ଗଙ୍କୁ ଯେପରି ସରକାରଙ୍କ ୧୦ ଲକ୍ଷ ଅନୁକମ୍ପା ରାଶି ମିଳିପାରିବ ସେ ସବୁର କାଗଜାତ ସମ୍ପୂର୍ଣ୍ଣ କରାଯାଇଥିବା ଅତାବିରା ଫରେଷ୍ଟର ଉଷେଶ୍ୱରୀ ପ୍ରଧାନ କହିଛନ୍ତି।

# ନିଶା କାରବାର ଆଡ୍ଡାକୁ ମାଡ଼ିଲା ବୁଲଡୋଜର୍

## ଆକ୍ସନ ମୋଡରେ ପୋଲିସ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ବିଚ୍ ରାସ୍ତାରେ ଛୁରି, ଭୁଜାଲିରେ ଆକ୍ରମଣ, ଲୁଟପାଟଠାରୁ ହତ୍ୟାକାଣ୍ଡ ଭଳି ଅପରାଧ ବଢ଼ି ଚାଲିଛି। ତେବେ ସହରରେ ବେଲଗାମ ନିଶା କାରବାର ଯୋଗୁ ସେଭଳି ଅପରାଧ ବଢି ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ପୋଲିସ ଆକ୍ସନ ମୋଡ୍‌ରେ ବାହାରିଛି। ଏହି କ୍ରମରେ ମଙ୍ଗଳବାର ପୋଲିସ ପ୍ରଶାସନ ପକ୍ଷରୁ ସହରରେ ରହିଥିବା ନିଶା ବେପାରୀଙ୍କ ଆଡ୍ଡା ଚିହ୍ନଟ କରାଯାଇଛି ଏବଂ ସେଠାରେ ବୁଲ୍‌ଡୋଜର ଚଲାଇ ସେହି ଆଡ୍ଡାସ୍ଥଳୀକୁ ଧୂଳିସାତ୍ କରି ଦିଆଯାଉଛି। ଏଭଳିଭାବେ ବରଗଡ଼ ଉମା ଟୋକିଜ ପାର୍ଶ୍ୱ ଦୋରାବନ୍ଧ ରାସ୍ତାରେ ରହିଥିବା ଏଭଳି ଏକ ଆଡ୍ଡାକୁ





ବରଗଡ଼ ପୋଲିସ ସହରର ଏକ ନିଶା କାରବାର ଆଡ୍ଡାକୁ ବୁଲଡୋଜରରେ ଭାଙ୍ଗି ଦେଉଛି। ନିଶା କାରବାର ଆଡ୍ଡାସ୍ଥଳୀ ଭାଙ୍ଗିବା ସମୟରେ ଉପସ୍ଥିତ ପୋଲିସ କର୍ମଚାରୀ।

ଭାଙ୍ଗିଦିଆଯାଇଛି। ତେବେ ପୋଲିସର ଏଭଳି ଅଭିଯାନ ସାମୟିକ ନା ଆଗକୁ ଚାଲିବ, ସେଥିପ୍ରତି ସହରବାସୀଙ୍କ ନଜର ରହିଛି। ଏଠାରେ ପ୍ରକାଶ ଥାଉକି, ସହରରେ ଗତ କିଛିଦିନ ହେଲା, କଥାକଥାକୁ ଛୁରି, ଭୁଜାଲି ବାହାରୁଛି। କିଛିଦିନ ତଳେ ବରଗଡ଼ ଟାଉନ ଥାନା ସମ୍ମୁଖ ହାଟପଦାରେ ଭୁଜାଲି ମାଡରେ ୨ଜଣଙ୍କ ମୃତ୍ୟୁ ଘଟଣା ସହରବାସୀଙ୍କ ଆଖିରୁ ଲିଭି ନଥିବାବେଳେ ସୋମବାର ରାତି ପ୍ରାୟ ୮ଟାରେ ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ତଥା ସାଇବର ଥାନାର ଅନତି ଦୂରରେ ଛୁରି ଭୁସି ଆଉ ଜଣଙ୍କୁ ହତ୍ୟା କରାଯାଇଥିଲା। ସେହିପରି ଗତ ଶନିବାର ବରଗଡ଼ ସହର ଉପକଣ୍ଠ ଘୁଲିପାଲି ଛକରେ ଜଣେ ଟ୍ରକ ଚାଳକଙ୍କର ଛୁରିମାଡ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ଏହା ସହିତ ରାସ୍ତାଘାଟ, ପରିବା ବଜାରରେ ମଧ୍ୟ ନିଶାଖୋର ଯୁବକମାନେ ଲୋକଙ୍କୁ ଭୟଭୀତକରି ଲୁଟପାଟ କରୁଥିବା ଅଭିଯୋଗ ହେଉଛି ଏବଂ ପୋଲିସ ପ୍ରତି ସହରବାସୀ ଆସ୍ଥା ହରାଇ ବସିଛନ୍ତି। ତେବେ ପୋଲିସ ବର୍ତ୍ତମାନ ଆକ୍ସନ ମୋଡ୍‌ରେ ବାହାରି ଥିବା ଯୋଗୁ ଆଗକୁ ସହରରେ ଅପରାଧ ନିୟନ୍ତ୍ରଣରେ ପୋଲିସ କେତେ ସକ୍ଷମ ହେଉଛି, ତାହା ସମୟ କହିବ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା,୧୦।୩(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅନ୍ତର୍ଗତ ପାନପୋଷ ଏନ୍ଏସି ନୂଆ ମାର୍କେଟ ପରିସରରେ ଥିବା ଶପ୍ ନଂ.୧୦୮ ବାଲାଜୀ ଡେଭଲପର୍ସ କାର୍ଯ୍ୟାଳୟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ସୋମବାର ରାତି ୧୧ଟାରେ ଜବତ କରାଯାଇଛି। ମୃତକ ହେଲେ ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ସି ବ୍ଲକର ଅଶ୍ୱିନୀ ବାରିକ(୪୪)। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮/୨୬) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଉକ୍ତ ଅଫିସ ଭିତର ପଟୁ ବନ୍ଦ ଥିବା ଯୋଗୁ ମାଲିକ ଝରକା କାଚରେ କେହି ଜଣେ ଫ୍ୟାନରେ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ କବାଟ ଭାଙ୍ଗି ଅଶ୍ୱିନୀଙ୍କ ମୃତଦେହ ଜବତ କରିଥିଲା। ଏହା ହତ୍ୟା କିମ୍ବା ଆତ୍ମହତ୍ୟା ବୋଲି ଆଲୋଚନା ହେଉଥିବା ବେଳେ ଯାଞ୍ଚ ଅଧିକାରୀ ସୁରଜ ଝାଙ୍କର କାର୍ଯ୍ୟାଳୟ ମାଲିକାନାକୁ ନେଇ ତଦନ୍ତ ହେଉଛି ବୋଲି କହିଛନ୍ତି।

### ଠିକା ଶ୍ରମିକଙ୍କ ମୃତଦେହ ଜବତ

**ରାଉରକେଲା, ୧୦।୩(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗାନ୍ଧୀରୋଡ ଅଞ୍ଚଳରୁ ମଙ୍ଗଳବାର ସକାଳେ ଜଣେ ଆର୍ଏସ୍ପି ଠିକା ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ଗୁମଲା ଜିଲାର ସ୍ଥାୟୀ ନିବାସୀ ତଥା ବର୍ତ୍ତମାନ ଗାନ୍ଧୀରୋଡ୍ରେ ରହୁଥିବା ସୁନୀଲ ତିର୍କୀ(୫୪)। ତାଙ୍କ ସ୍ତ୍ରୀ ସିଲମଣି ତିର୍କୀଙ୍କ ଏତଲା ଅନୁଯାୟୀ, ସୋମବାର ରାତିରେ ସୁନୀଲ ଶୋଇଥିଲେ। ମଙ୍ଗଳବାର ସକାଳେ କବାଟ ଖୋଲିବାରୁ ସୁନୀଲ ବେକରେ ଏକ ଚୁନି ଲଗାଇ ଝୁଲୁଥିବା ଦେଖାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା (ନଂ.୧୧/୨୬) ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡିନାହିଁ।

### ଦୂର ହେଲା ବିଦ୍ୟୁତ୍ ସମସ୍ୟା

**ରାଉରକେଲା,୧୦।୩ (ଦିନେଶ ମିଶ୍ର):** ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ତାରଗୁଡିକ ସୋମବାର ବିଳମ୍ବିତ ରାତିରେ ହଠାତ୍ ଜଳିଯାଇଥିଲା। ଫଳରେ କିଛି ବସ୍ତି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏ ନେଇ ବସ୍ତିବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଟ୍ରାନ୍ସଫର୍ମରକୁ ମରାମତି କରାଯାଇଥିଲା । ତେବେ ୨୦ ଘଣ୍ଟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିବା ଜଣାପଡିଛି।



ଆର୍ଏସ୍ପି ଡିଆଇସି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।



ସିଆଇଏସ୍ଏଫ୍ କର୍ମୀ ପରେଡରେ ଭାଗ ନେଇଛନ୍ତି।

# ସିଆଇଏସ୍ଏଫ୍ ଆର୍ଏସ୍ପିର ଅଭିନ୍ନ ଅଙ୍ଗ

**ସିଆଇଏସ୍ଏଫ୍ର ୫୭ତମ ସ୍ଥାପନା ଦିବସ ପାଳିତ**

ରାଉରକେଲା,୧୦।୩(ବିପ୍ଲବ ରଞ୍ଜନ ଦାଶ)

ଆର୍ଏସ୍ପି ସିଆଇଏସ୍ଏଫ୍ ୟୁନିଟ ପକ୍ଷରୁ ସ୍ଥାନୀୟ କ୍ୟାମ୍ପସରେ ମଙ୍ଗଳବାର ସିଆଇଏସ୍ଏଫ୍ର ୫୭ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏଥିରେ ଆର୍ଏସ୍ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସିଆଇଏସ୍ଏଫ୍ ଯବାନମାନଙ୍କ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ସିଆଇଏସ୍ଏଫ୍ ଡଗ୍ ସ୍କ୍ୱାଡ ଦ୍ୱାରା ବିଭିନ୍ନ କୌଶଳ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଡିଆଇସି କହିଥିଲେ, ସମଗ୍ର ଦେଶରେ ଏହି ବାହିନୀ ଶିଷ୍ଟାଚାର, ସତର୍କତା ଓ ସହାନୁଭୂତିର ଏକ ପ୍ରତୀକ ଭାବେ ଦୃଢତାର ସହ ଛିଡା ହୋଇଛି। ନିଜ କର୍ତ୍ତବ୍ୟ ପାଳନ କରିବା ସମୟରେ ସିଆଇଏସ୍ଏଫ୍ର ଯବାନମାନେ ସର୍ବୋଚ୍ଚ ପେଶାଦାର ମାନଦଣ୍ଡକୁ ଅତୁଟ ରଖିଥାନ୍ତି ଏବଂ ପ୍ରତ୍ୟେକ ନାଗରିକଙ୍କ ପ୍ରତି ମର୍ଯ୍ୟାଦାସମ୍ପନ୍ନ ଓ ସମ୍ମାନାସ୍ପଦ ଆଚରଣ କରନ୍ତି। ସେ ଆହୁରି କହିଥିଲେ, ଏହି ମହତ୍ତ୍ୱପୂର୍ଣ୍ଣ ସୁରକ୍ଷା ବଳ ପରମାଣୁ କେନ୍ଦ୍ର, ମହାକାଶ ଗବେଷଣା କେନ୍ଦ୍ର, ବିମାନ ବନ୍ଦର, ସାମୁଦ୍ରିକ ବନ୍ଦର, ପାୱାର ପ୍ଲାଣ୍ଟ, ସମ୍ବେଦନଶୀଳ ସରକାରୀ ପ୍ରତିଷ୍ଠାନ ଏବଂ ଐତିହ୍ୟ ସ୍ମାରକୀ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଦାୟିତ୍ୱ ସମ୍ପାଦନ କରୁଛି। ସିଆଇଏସ୍ଏଫ୍ ୟୁନିଟକୁ ଆର୍ଏସ୍ପି ପରିବାରର ଏକ ଅଭିନ୍ନ ଅଙ୍ଗ ରୂପେ ବର୍ଣ୍ଣନା କରି ସେ ଏହାର କର୍ମୀମାନଙ୍କୁ କାନ୍ଧରେ କାନ୍ଧ ମିଳାଇ ଆର୍ଏସ୍ପିର ଲକ୍ଷ୍ୟ ହାସଲ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ରତନ କୁମାର ସିଆଇଏସ୍ଏଫ୍ ଆର୍ଏସ୍ପି ୟୁନିଟ୍ର ବିବିଧ ଉପଲବ୍ଧି ଏବଂ ଭବିଷ୍ୟତ ଆହ୍ୱାନର ମୁକାବିଲା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ବିଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ସିଆଇଏସ୍ଏଫ୍ର ଡିଆଇଜି ରତନ କୁମାର ମଞ୍ଚାସୀନ ଥିଲେ। ଏହି ଅବସରରେ ଏମ୍ଡି ସିଏମ୍ଏଲ୍ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି (ଓଜିଓଏମ୍, ସିଏମ୍ଏଲ୍ଓ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍ଓ ଇନ୍ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସିଆଇଏସ୍ଏଫ୍ ସିନିୟର କମାଣ୍ଡାଣ୍ଟ ବିଜୟ କୁମାରଙ୍କ ସମେତ ଆର୍ଏସ୍ପି ଓ ସିଆଇଏସ୍ଏଫ୍ର ବରିଷ୍ଠ ଅଧିକାରୀ ତଥା ବହୁ ସିଆଇଏସ୍ଏଫ୍ କର୍ମୀ ଉପସ୍ଥିତ ଥିଲେ।

# ଆଇଜିଏଚ୍ ଟଏଲେଟ୍ରୁ ନବଜାତକଙ୍କ ମୃତଦେହ ଉଦ୍ଧାର

ରାଉରକେଲା,୧୦।୩(ସଙ୍ଗୀତା ଜେନା)

ସେକ୍ଟର-୧୯ ଥାନା ଅଧୀନ ସେଲ୍ ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଏକ ମହିଳା ଟଏଲେଟ୍ରୁ ମଙ୍ଗଳବାର ଏକ ନବଜାତକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ବୁଧବାର ଉକ୍ତ ମୃତଦେହର ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା(ନଂ. ୧୩/୨୬) ରୁଜୁ ହୋଇଛି। ପୋଲିସ ହସ୍ପିଟାଲର ସିସିଟିଭି ଯାଞ୍ଚ କରି ନବଜାତକଙ୍କୁ ପ୍ରସବ କରିଥିବା ଯୁବତୀଙ୍କୁ ଚିହ୍ନଟ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ଆଇଜିଏଚ୍ ଜେନେରାଲ ୱାର୍ଡର ଏକ ମହିଳା ଟଏଲେଟ୍ରେ ଜଣେ କର୍ମଚାରୀ ସଫେଇ କରିବାକୁ ଯାଇଥିବା ବେଳେ ପାଇଖାନା ପ୍ୟାନ୍ ଭିତରେ ଏକ ଶିଶୁର ହାତ ଦେଖାଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଏ ନେଇ ଥାନାକୁ ସୂଚନା ଦେବା ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲା। ଏ ନେଇ ଥାନାଧିକାରୀ ବୈଦ୍ୟନାଥ ସାହୁ କହିଛନ୍ତି, ସିସିଟିଭି ଓ ଅନ୍ୟ ରେକର୍ଡ଼ ଯାଞ୍ଚ ପରେ ଘଟଣାର ସତ୍ୟତା ଜଣାପଡିଛି। ସୋମବାର ରାତି ୧୧ଟା ୧୫ରେ ବେଦବ୍ୟାସ ଅଞ୍ଚଳର ଜଣେ ଯୁବତୀ ପେଟରେ ଯନ୍ତ୍ରଣା ଅନୁଭବ କରି ହସ୍ପିଟାଲ ଆସିଥିଲେ। ଚିକିତ୍ସକ ତାଙ୍କୁ ସମସ୍ତ ତଥ୍ୟ ପଚାରି ବୁଝିଥିଲେ। ତାଙ୍କର ରକ୍ତ, ୟୁରିନ୍ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ସେହି ସମୟରେ ଉକ୍ତ ଯୁବତୀଙ୍କ ପେଟ ଯନ୍ତ୍ରଣା ବୃଦ୍ଧି ପାଇଥିଲା ଏବଂ ସେ ମହିଳା ଟଏଲେଟ୍ ଯାଇଥିଲେ। ସେଠାରେ ତାଙ୍କର ପ୍ରସବ ହୋଇଥିଲା। ତେବେ ସେ ଏ ବାବଦରେ କିଛି ନ କହି ହସ୍ପିଟାଲ ଛାଡି ଚାଲିଯାଇଥିଲେ। ମଙ୍ଗଳବାର ସକାଳ ୬ଟାରେ ଟଏଲେଟ୍ ସଫେଇ ସମୟରେ ଏ ସମ୍ପର୍କରେ ଜଣାପଡ଼ିଥିଲା। ଉକ୍ତ ଟଏଲେଟ୍ ଭାଙ୍ଗି ମୃତଦେହକୁ ଉଦ୍ଧାର କରାଯାଇଛି। ବୁଧବାର ବ୍ୟବଚ୍ଛେଦ ହେବ ବୋଲି ସାହୁ କହିଛନ୍ତି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ



ଶିବିରରେ ତାଲିମ ନେଇଥିବା ଛାତ୍ରୀଗଣ।

ରାଉରକେଲା, ୧୦।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଚାଲିଥିବା ୮ ଦିବସୀୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ଛାତ୍ରୀମାନଙ୍କୁ ନେଇ ଏହି ଶିବିର ଚାଲିଥିଲା। ଉଦଯାପନୀ ସମାରୋହରେ ମହାବିଦ୍ୟାଳୟର ବରିଷ୍ଠ ପ୍ରଫେସର ତଥା ବଟାନି ବିଭାଗର ମୁଖ୍ୟ ରୁମା ସାହୁ ଯୋଗଦେଇ ଏହି ପ୍ରଶିକ୍ଷଣ ଖଳ ଲୋକଙ୍କୁ ଉପଯୁକ୍ତ ଜବାବ ଦେବାରେ ବାଳିକାମାନଙ୍କୁ ତୃଣମୂଳ ସ୍ତରରେ ସଶକ୍ତ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରିବ ବୋଲି କହିଥିଲେ। ପ୍ରଶିକ୍ଷଣ ଶିବିରରେ ସୁଶ୍ରୀ ନିକ୍କି କୁମାରୀ କୁଶ୍ୱାହା, ଅଶ୍ୱିନୀ ମିଞ୍ଜ, ଗାୟତ୍ରୀ ସାହୁ, ତୁଳସୀ ସାହୁ ଓ ସ୍ୱାଗତିକା ସାହୁ ପ୍ରମୁଖ ମାଷ୍ଟର ଟ୍ରେନର ଭାବେ ସାମିଲ ହୋଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ଦେଇଥିଲେ। ଶିବିରର କୋର୍ଡିନେଟର ଭାବେ କ୍ୟାପଟେନ ସତ୍ୟ ନାରାୟଣ ରାଉତ ଏବଂ ବୈଦେହୀ ମାଝୀ ଦାୟିତ୍ୱ ନିର୍ବାହ କରିଥିଲେ। ରୁମା ସାହୁ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

### ରାଜ୍ୟସ୍ତର ବିକଶିତ ଭାରତ ଯୁବ ସଂସଦକୁ ୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

**ରାଉରକେଲା,୧୦।୩(ବିପ୍ଲବ ରଞ୍ଜନ ଦାଶ):** ରାଉରକେଲା ଉଦିତନଗରସ୍ଥିତ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଭାରତ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପ୍ରତିଯୋଗିତାରେ ୫ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ ଜିଲାର ୧୪୦ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଛାତ୍ରୀ ଓ ୩ଜଣ ଛାତ୍ର ଆସନ୍ତା ମାସରେ ଭୁବନେଶ୍ୱରଠାରେ ହେବାକୁ ଥିବାରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା ୨ ଛାତ୍ରୀ ହେଲେ ରାଉରକେଲା ମ୍ୟୁନିସିପାଲ କଲେଜର ଲିପ୍ସା ମହାନ୍ତି ଓ ଅଞ୍ଚଳ ଚୌଧୁରୀ ଏବଂ ୩ ଛାତ୍ର ହେଲେ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରୟାସ ପ୍ରୀତିରଞ୍ଜନ ବାରିକ, ଲାଇଭ୍ଲି ହୁଡ୍ ଶିକ୍ଷାନୁଷ୍ଠାନର ସତ୍ୟପ୍ରକାଶ ମିଶ୍ର ଓ ମ୍ୟୁନିସିପାଲ କଲେଜର ଆକାଶ ଜୟଶ୍ୱାଲ।

# ୩ ପ୍ରମାଣପତ୍ର ହାସଲ କରିବାରେ ଆର୍ଏସ୍ପି ସେଲ୍ର ପ୍ରଥମ ୟୁନିଟ୍



ଆର୍ଏସ୍ପି ଡିଆଇସିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧୦।୩(ବିପ୍ଲବ ରଞ୍ଜନ ଦାଶ)

ଆର୍ଏସ୍ପି ଉନ୍ନତମାନର ଇସ୍ପାତ ପ୍ଲେଟ୍ ନିର୍ମାଣ ପାଇଁ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ରୁ ଲାଇସେନ୍ସ ସହିତ ଡେଟ ନୋର୍ସ୍କେ ବେରିଟସ (ଡିଏନଭି) ଏବଂ ଭାରତୀୟ ପରିବହନ ରେଜିଷ୍ଟର (ଆର୍ଆଇଏସ)ରୁ ପ୍ରମାଣପତ୍ର ହାସଲ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଫଳତା ସହିତ ଆର୍ଏସ୍ପି ଏକକାଳୀନ ତିନୋଟି ପ୍ରମାଣପତ୍ର ହାସଲ କରିଥିବା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ)ର ପ୍ରଥମ କାରଖାନା ଭାବେ ଖ୍ୟାତି ଅର୍ଜନ କରିଛି। ଗତ ମାର୍ଚ୍ଚ ୫ ତାରିଖରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆର୍ଏସ୍ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ଏହି ପ୍ରମାଣପତ୍ର ହସ୍ତାନ୍ତର କରାଯାଇଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନଚାର୍ଜ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ବହୁ ସିଜିଏମ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେବା ବିଭାଗର ସିଜିଏମ୍ ଇନ୍ଚାର୍ଜ ଆତିଶ ଚନ୍ଦ୍ର ସରକାର, ଆରସିଏଲ ବିଭାଗର ଜିଏମ୍ ଆର୍. ଏସ୍. ଶର୍ମା ଏବଂ ବିଭାଗୀୟ ଦଳ ଡିଆଇସିଙ୍କୁ ଏହି ପ୍ରମାଣପତ୍ର ହସ୍ତାନ୍ତର କରିଥିଲେ।

# ମାସିକ ସାରସ୍ୱତ ସମାବେଶରେ ଆଲୋଚନାଚକ୍ର

ରାଉରକେଲା,୧୦।୩(ବିପ୍ଲବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମାଧବ ନଗର ଶାଖା ପକ୍ଷରୁ ମାସିକ ସାରସ୍ୱତ ସମାବେଶ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍ଏସ୍ପିର ପ୍ରାକ୍ତନ ମହାପ୍ରବନ୍ଧକ ଡ. ଶକ୍ତି ପ୍ରସାଦ ସାମନ୍ତରାୟ ମୁଖ୍ୟ ଅତିଥି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ଓଡ଼ିଆ କାବ୍ୟ-କବିତାରେ ବସନ୍ତର ବାସ୍ନା' ଉପରେ ଆଲୋଚନା କରିଥିଲେ। କବିତା ପାଠୋତ୍ସବରେ ସୁମନ୍ତ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। କବି ନିରୁପମା ପତି ଓ ନଗର ଶାଖା ସମ୍ପାଦିକା ଅଳକା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହ ସଙ୍ଗଠନ ସମ୍ପାଦକ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉପେନ୍ଦ୍ର ନାଥ ଦାଶ, ଜଗନ୍ନାଥ ରାଉତ, ସୁସ୍ମିତା ମହାପାତ୍ର, ପୂର୍ଣ୍ଣିମା ସାଏ, ରେଶ୍ମା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକଗଣ।

# ସର୍ବାଧିକ ବ୍ୟବସାୟ କରିଥିବା ଏସ୍ଏଚ୍ଜି ପୁରସ୍କୃତ



ଭଲ ବ୍ୟବସାୟ କରିଥିବା ଏସ୍ଏଚ୍ଜିକୁ ପୁରସ୍କୃତ କରାଯାଉଛି।

ରାଉରକେଲା,୧୦।୩(ଦିନେଶ ମିଶ୍ର)

ସୁନ୍ଦରଗଡ ଜିଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓର୍ମାସ୍ର ମିଳିତ ଆନୁକୂଲ୍ୟରେ ୧୧ ଦିନ ଧରି ଚାଲିଥିବା ସରସ ସ୍ୱଦେଶୀ ମେଳା ସୋମବାର ଉଦ୍ଯାପିତ ହୋଇଯାଇଛି । ସମାପନ ସମାରୋହରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାୟ ସର୍ବାଧିକ ବିକ୍ରି କରିଥିବା ଷ୍ଟଲମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡିଶାରୁ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରୁ ସୋନପୁରର ମହାଲକ୍ଷ୍ମୀ ଏସ୍ଏଚ୍ଜି ସର୍ବାଧିକ ବିକ୍ରୟ କରି ପ୍ରଥମ, କେନ୍ଦ୍ରାପଡାର ସୃଜନୀ ପିଜି ଦ୍ୱିତୀୟ ଓ ଝାରସୁଗୁଡାର ସମ୍ବଲପୁରୀ ଟାଇଏଣ୍ଡ ଡାଇଓ୍ୱର୍ସ କୋପରେଟିଭ ସୋସାଇଟି ତୃତୀୟ ପୁରସ୍କାର ପାଇଥିଲେ। ସେହିପରି

**ସରସ ସ୍ୱଦେଶୀ ମେଳା ଉଦ୍ଯାପିତ**

ଓଡିଶା ବାହାରୁ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ କେରଳର ଆରାଧନା ଏସ୍ଏଚ୍ଜି ପ୍ରଥମ, ଗୋଆ ଶ୍ରୀ ରାସ୍ତ୍ରୋଲି ଏସ୍ଏଚ୍ଜି ଦ୍ୱିତୀୟ ଏବଂ ଗୁଜୁରାଟର ଶ୍ରୀ ଶକ୍ତି ମିଶନ ମଙ୍ଗଳମକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳାରେ ରବିବାର ସୁଦ୍ଧା ୬.୫୦ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ସୂଚନା ମିଳିଛି। ସରକାରଙ୍କ ବିଭିନ୍ନ ଯୋଜନା ଭଲ ପ୍ରଦର୍ଶନ କରିଥିବାରୁ ପାନପୋଷ କୃଷି ଜିଲା କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱଦେଶୀ ଉଦ୍ୟମିତା ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସଂଯୋଜକ ରଘୁନାଥ ବେହେରା ଓ ମିତା ପଣ୍ଡା ଉପସ୍ଥିତ ଥିଲେ। ଶେଷ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ନୂତନ ଗୋଶାଳା ସ୍ଥାନ ନିରୂପଣ



ଆର୍ଏମ୍ସି କମିଶନର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ରାଉରକେଲା,୧୦।୩(ଦିନେଶ ମିଶ୍ର)

ରାଉରକେଲାସ୍ଥିତ ତରକେରା ଅଞ୍ଚଳରେ ଆସନ୍ତା ୩ ମାସ ଭିତରେ ଏକ ଗୋଶାଳା ନିର୍ମାଣ କରିବାକୁ ରାଉରକେଲା ମହାନଗର ନିଗମ ନିଷ୍ପତ୍ତି ନେଇଛି। ଏହି ପରିପ୍ରେକ୍ଷୀରେ ଆରଏମ୍ସି କମିଶନର ତଥା ଏଡିଏମ୍ ଦୀନା ଦସ୍ତଗୀର ମଙ୍ଗଳବାର ତରକେରା ଅଞ୍ଚଳ ବୁଲି ଗୋଶାଳା ସ୍ଥାନ ନିରୂପଣ କରିଥିଲେ। ଏହି ଗୋଶାଳାରେ ଗାଇଗୋରୁଙ୍କ ଲାଗି ସ୍ୱତନ୍ତ୍ର ସେଡ୍ ସାଙ୍ଗକୁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିବ। ସହରର ଟ୍ରାଫିକ୍ ଗେଟ୍, ବିଶ୍ରା ଛକ, ଅଭିଜ୍ଞାନ ଛକ, ପ୍ଲାଣ୍ଟସାଇଟ୍ ଭଳି ପ୍ରମୁଖ ସ୍ଥାନରେ ବୁଲା ଗାଈଙ୍କ ଯୋଗୁ ଦୁର୍ଘଟଣାମାନ ଘଟୁଛି। ପ୍ରାଣୀମାନେ ରାସ୍ତା ମଝିରେ ଶୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ସହରବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୂର କରିବା ପାଇଁ କମିଶନର ଦସ୍ତଗୀର ତରକେରା ଅଞ୍ଚଳ ଗସ୍ତ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଉକ୍ତ କାର୍ଯ୍ୟକ୍ରମକୁ ଖୁବ୍ଶୀଘ୍ର ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ସିଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ମହିଳା ଦିବସ ପାଳିତ

ରାଉରକେଲା,୧୦।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ମେଳଣ ପଡିଆରେ ମଙ୍ଗଳବାର ସିଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଫାଦର ବେନିଚନ ପିଟରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାନ୍ତା ନୂତନ ସାମଦ ମୁଖ୍ୟଅତିଥି, ଆର୍ଜିଏଚ୍ର ଡକ୍ଟର ଜ୍ୟୋତ୍ସ୍ନା ଲୁଗୁନ ସମ୍ମାନୀତ ଅତିଥି ଏବଂ ନୀଳଶୈଳ ମହାବିଦ୍ୟାଳୟ ଓଡିଆ ବିଭାଗର ପ୍ରଫେସର ପ୍ରଭା ସୁଚିତା ଏକ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବର୍ତ୍ତମାନର ଯୁଗ ସମ୍ପୂର୍ଣ୍ଣ ଭାବେ ମହିଳାମାନଙ୍କର ଯୁଗ। ମହିଳାମାନେ ଆଗକୁ ବଢିଲେ ଦେଶ ଆଗକୁ ବଢିବ ଏବଂ ଏକ ସମୃଦ୍ଧ ରାଷ୍ଟ୍ର ଭାବେ ଭାରତ ବିଶ୍ୱରେ ଉଭା ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଏସ୍ଏଚ୍ଜି ମହିଳାମାନଙ୍କ ମଧ୍ୟରେ ପାରମ୍ପରିକ ନୃତ୍ୟ ଗୀତ, ବିତର୍କ, ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ପ୍ରଫୁଲ୍ଲ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଏସ୍ଏଚ୍ଜି ମହିଳା।

# ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ

ରାଉରକେଲା, ୧୦।୩(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରର ୧୩ଟି ସ୍ଥାନରେ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ ରହିଥିବା ବେଳେ ୪ଟି ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ସେଗୁଡିକ ହେଲା ଆମ୍ବାଗାନ୍, ଡିଏଭି ଛକ, ଟ୍ରାଫିକ୍ ଛକ, ଗଡ଼ିଆଟୋଲା। ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ କାର୍ଯ୍ୟକାରୀ ହେବା ଯୋଗୁ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ହେବା ସହ ଅତ୍ୟାଧୁନିକ ଭାବେ ଟ୍ରାଫିକ୍ ନିୟନ୍ତ୍ରଣ ସ୍ୱୟଂଚାଳିତ ହୋଇପାରିଛି। ଅଟୋମେଟିକ୍ ନମ୍ବର ପ୍ଲେଟ୍ ରେକଗ୍ନାଇଜେଶନ ସହ ଦ୍ରୁତଗତିରେ ଗାଡ଼ି ଚାଳନା, ଭୁଲ୍ ରାସ୍ତାରେ ଗାଡ଼ି ଚଳାଇବା, ବିନା ସିଟ୍ ବେଲ୍ଟରେ ଗାଡ଼ି ଚାଳନା ଆଦି ରୋକାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଇ-ଚାଲାଣ ମଧ୍ୟ କଟୁଛି। ରାଉରକେଲା ସହର ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ୬୦୦ରୁ ଅଧିକ ସିସି କ୍ୟାମେରା ଲଗାଯାଇଛି। ଏଥିସହ ସାର୍ବଜନୀନ ସୂଚନା ତଥା କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀକାଳୀନ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୦ଟି ସ୍ଥାନରେ ରହିଛି ପବ୍ଲିକ୍ ଆନାଉନ୍ସମେଣ୍ଟ ସିଷ୍ଟମ୍ । ଏହାସହ ୨୦ଟି ସ୍ଥାନରେ ଏମର୍ଜେନ୍ସି କଲ୍ ବକ୍ସ ରହିଥିବା ବେଳେ ସେଥିମଧ୍ୟରୁ ୧୪ଟି କାର୍ଯ୍ୟକ୍ଷମ ରହିଛି। ତେବେ ଆଗକୁ ଆଉ ୯ଟି ସ୍ଥାନରେ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ କାର୍ଯ୍ୟକ୍ଷମ ହେବ। ଏହାଦ୍ୱାରା ସହରରେ ଟ୍ରାଫିକ ଜାମ୍ ପରିସ୍ଥିତିରେ ଏକ ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆର୍ଏମ୍ସି ଆୟୁକ୍ତ ଦୀନା ଦସ୍ତଗୀର ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ମହିଳାଙ୍କ ଭ୍ୟାନିଟି ଚୋରି, ଧରାପଡ଼ିଲେ ନାବାଳକ

ରେଢ଼ାଖୋଲ, ୧୦।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ଚାରମାଳଠାରେ ରାଧାକୃଷ୍ଣ ଓ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚାଲୁଥିବା ନାମଯଜ୍ଞ ସମୟରେ ସୋମବାର ରାତିରେ ଜଣେ ମହିଳାଙ୍କ ଭ୍ୟାନିଟି ବାଗ ଚୋରି ହୋଇଯାଇଥିଲା। ଏ ନେଇ ରାଣିବେଡା ଗ୍ରାମର ସଂଯୁକ୍ତା ମିର୍ଦ୍ଧା(୩୯) ଥାନାରେ ଅଭିଯୋଗ କରିଛନ୍ତି। ଭ୍ୟାନିଟିରେ ମୋବାଇଲ ଫୋନ ଓ ନଗଦ ୨ହଜାର ଟଙ୍କା ଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୪୬/୨୬)ରୁଜୁ ହୋଇଥିଲା। ତେବେ ଭ୍ୟାନିଟିରେ ମହିଳାଙ୍କ ମୋବାଇଲ ଥିବାରୁ ପୋଲିସ ଚୋରକୁ ଠାବ କରିଥିଲା। ତାଙ୍କ ନିକଟରୁ ଚୋରି ୨ ହଜାର ଟଙ୍କା ଓ ମୋବାଇଲ ଜବତ କରିଥିଲା ପୋଲିସ। ହେଲେ ଅଭିଯୁକ୍ତ ଜଣେ ନାବାଳକ ଓ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ବୋଲି ଜଣାପଡିଥିଲା। ତାଙ୍କୁ ସମ୍ବଲପୁର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା।

### ବୀରସିଂହଗଡ଼ ଜଙ୍ଗଲରେ ନିଆଁ

ସମ୍ବଲପୁର,୧୦।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସଦର ବନାଞ୍ଚଳ ଅନ୍ତର୍ଗତ ବୀରସିଂହଗଡ ଜଙ୍ଗଲରେ ନିଆଁ ଲାଗି ବହୁ ମୂଲ୍ୟବାନ ଗଛ ଜଳି ଯାଇଛି। ସୋମବାରଠାରୁ ନିଆଁ ଲାଗି ଜଙ୍ଗଲର ବହୁ ଅଞ୍ଚଳରେ ଗଛପତ୍ର ନଷ୍ଟ ହୋଇଥିଲା। ମଙ୍ଗଳବାର ମଧ୍ୟ ବୀରସିଂହଗଡ–ମହୁଲପାଲି ରାସ୍ତା କଡରେ ଜଙ୍ଗଲରେ ନିଆଁ ଯୋଗୁ ଗଛଗୁଡିକ ଜଳୁଥିବା ଦେଖିବାକୁ ମିଳିଛି । ପତ୍ରଝଡା ଯୋଗୁ ଗଛତଳେ ପତ୍ର ଗୁଡିକ ଜମା ହୋଇଥିବାରୁ ନିଆଁ ତୀବ୍ର ଗତିରେ ବ୍ୟାପି ଯାଉଛି । ତେବେ ସଦର ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ସହଯୋଗରେ ବନାଗ୍ନି ନିୟନ୍ତ୍ରଣ ପାଇଁ ଉଦ୍ୟମ କରାଯାଉଥିବା ସଦର ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ଓରାମ କହିଛନ୍ତି ।

### ବନବାସୀ ରକ୍ଷା ପରିବାର ବୈଠକ

କୁଚିଣ୍ଡା, ୧୦।୩(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲ ବାମରା ପୂର୍ତ୍ତବିଭାଗ ଡାକବଙ୍ଗଳାରେ ମଙ୍ଗଳବାର ବନବାସୀ ରକ୍ଷା ପରିବାର ଫାଉଣ୍ଡେଶନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ତଥା ରାଷ୍ଟ୍ରୀୟ ସଂଯୋଜକ ବନବାସୀ ରକ୍ଷା ଫାଉଣ୍ଡେଶନର ବୀରେନ୍ଦ୍ର ଶର୍ମା ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଧର୍ମ ପ୍ରସାର ବିଭାଗର କେନ୍ଦ୍ରୀୟ ସହମନ୍ତ୍ରୀ ଅଚ୍ୟୁତାନନ୍ଦ କର, ବନବାସୀ ରକ୍ଷା ପରିବାର କେନ୍ଦ୍ରୀୟ ସହସଂଯୋଜକ ଧନଞ୍ଜୟ ସିଂହ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଧର୍ମ ପ୍ରସାର ବିଭାଗ ପ୍ରମୁଖ ଦିଲୀପ ମେହେର, ବନବାସୀ ରକ୍ଷା ପରିବାର ପ୍ରାନ୍ତ ସଂଯୋଜକ ଇଂ.ବସନ୍ତ କୁମାର ଦାନୀ, ତୁଳାନନ୍ଦ ବାବା, ସୁଦୀପ୍ତ ବାଘ, ସଞ୍ଜୀବ ସାହୁ, ଜ୍ୟୋତି କୁମାର ଲାଠ ଯୋଗଦେଇଥିଲେ। ପରେ ବନବାସୀ ରକ୍ଷା ପରିବାର ବାମରା ବ୍ଲକ କମିଟି ଗଠନ କରାଯାଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବଲ୍ଲଭି ପଟେଲଙ୍କୁ ବ୍ଲକ ସଂଯୋଜିକା ଓ ପରମେଶ୍ୱର ସାହୁ, ସୁବୋଦିନୀ ପଟେଲ, କୁମାର ଚନ୍ଦ୍ର ପଟେଲ, ଅନିଲ ପାଣ୍ଡେଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ପରବର୍ତ୍ତୀ ବୈଠକରେ ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ବିଚାରାଧୀନ ମାମଲାର ଶୀଘ୍ର ଚାର୍ଜଶିଟ୍ ଦାଖଲ ନିର୍ଦ୍ଦେଶ



ଜନଶୁଣାଣିରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କ ସହ ଅଧିକାରୀ ଓ କର୍ମକର୍ତ୍ତା।

- ଜାତୀୟ, ରାଜ୍ୟ ମହିଳା ଆୟୋଗଙ୍କ ଜନଶୁଣାଣି
- ୪୧ ମାମଲାର ଶୁଣାଣି

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)

ସମ୍ବଲପୁରରେ ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟସ୍ତରରେ ଦ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଗତ ୬ ତାରିଖରୁ ରାଜ୍ୟର ପ୍ରତ୍ୟେକ ଜିଲାରେ ଆରମ୍ଭ ହୋଇଥିବା ଏହି ଅଭିଯାନକ୍ରମରେ ମଙ୍ଗଳବାର ସମ୍ବଲପୁରଠାରେ ସମ୍ବଲପୁର ସହିତ ବରଗଡ଼ ଓ ଝାରସୁଗୁଡ଼ା ଜିଲାର ମହିଳାମାନଙ୍କ ସମସ୍ୟା ଆଧାରିତ ବିଭିନ୍ନ ଜଟିଳ ମାମଲାଗୁଡ଼ିକର ଶୁଣାଣି ହୋଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ମୁଖ୍ୟତଃ ଯୌତୁକ ନିର୍ଯାତନା, ଅପହରଣ, ବଳାତ୍କାର, ସାଇବର ଅପରାଧ ଏବଂ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଭଳି ମୋଟ୍ ୪୧ ସମ୍ବେଦନଶୀଳ ମାମଲାଗୁଡ଼ିକର ବିଚାର କରାଯାଇଥିଲା। ସେଥିମଧ୍ୟରେ ୬ଟି ମାମଲାର ଆପୋଷ ସମାଧାନ, ୬ଟି ମାମଲା ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଏସ୍‌ପିଙ୍କୁ ସୁପାରିଶ, ଗୋଟିଏ ମାମଲାକୁ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)କୁ ହସ୍ତାନ୍ତର କରାଯାଇଥିଲା। ଅସହଯୋଗ କାରଣରୁ ୯ଟି ମାମଲାକୁ ବନ୍ଦ କରାଯାଇଛି। ସେହିପରି ଆୟୋଗଙ୍କ ନିକଟରେ ୧୧ଟି ନୂତନ ମାମଲା ପଞ୍ଜୀକୃତ ହୋଇଛି ତଥା ୮ ମାମଲାରେ ନୋଟିସ୍ ଜାରି କରାଯାଇଛି।

ଶିବିରରେ ମହିଳା ଆୟୋଗର କର୍ମକର୍ତ୍ତାମାନେ ବିଭିନ୍ନ ଜଟିଳ ମାମଲା ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ତଥ୍ୟ ମାଗିବା ସହ ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ଚାଜଶିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମହିଳାମାନେ ଯେପରି ଘରେ ବସି ସହଜରେ ନିଜର ଅଭିଯୋଗ ପଞ୍ଜୀକରଣ କରିପାରିବେ, ସେଥିପାଇଁ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ସମାଜରେ ବଢ଼ି ଚାଲିଥିବା ପାରିବାରିକ ବିବାଦ ଓ ବିବାହ ବିଚ୍ଛେଦକୁ ରୋକିବା ପାଇଁ ପିଲାଦିନରୁ ଉପଯୁକ୍ତ ସଂସ୍କାର ଓ ପାରମ୍ପରିକ ମୂଲ୍ୟବୋଧ ଶିକ୍ଷାଦେବାକୁ ଆୟୋଗ ଅଧ୍ୟକ୍ଷା ମହାନ୍ତି ଅଭିଭାବକମାନଙ୍କୁ ନିବେଦନ କରିଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର କାର୍ଯ୍ୟକାରିତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ରାଜ୍ୟ ମହିଳା ଅୟୋଗ ସଦସ୍ୟା ମୁକ୍ତା ସାହୁ, ଆୟୋଗର ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଆଇନ୍ ପରାମର୍ଶଦାତା ଅରବିନ୍ଦ ପଟ୍ଟନାୟକ, ସମ୍ବଲପୁର ଜିଲା ସମାଜ ମଙ୍ଗଳ ଅଧିକାରୀ(ଡିଏସ୍‌ଡବ୍ଲ୍ୟୁଓ) ସରୋଜା ବେହେରାଙ୍କ ସହ ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ବରିଷ୍ଠ ପୋଲିସ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ ଏବଂ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ



ସଚେତନତା ସଭାରେ ରେଞ୍ଜର ଲେଖାରାଣୀ ମହାନନ୍ଦ ଓ ଅନ୍ୟମାନେ।

କୁଚିଣ୍ଡା,୧୦।୩(ବିରଞ୍ଚି ଦର୍ଜ୍ଜୀ)

## ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ପଞ୍ଚାୟତସ୍ତରୀୟ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଥାନେଶ୍ୱର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ବିଧାୟକ ପ୍ରତିନିଧି ଉଦିତ ପ୍ରତାପ ଦେଓ, କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣି ମହାନନ୍ଦ, ଫରେଷ୍ଟର ବିଶ୍ୱାଳ ନାୟକ, ଫରେଷ୍ଟର ରଜନୀକାନ୍ତ ପଟେଲ, ଫରେଷ୍ଟ ଗାର୍ଡ ଝସକେତନ ପୃଷେଠ ଯୋଗଦେଇଥିଲେ। ରେଞ୍ଜର ମହାନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ, ଅଜ୍ଞାନତାବଶତଃ କିମ୍ବା ଜାଣିଶୁଣି କେତେକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଫଳରେ ଜଙ୍ଗଲ ନଷ୍ଟ ହେବା ସହ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଥାଏ। ଏହା ବ୍ୟତୀତ ବନ୍ୟପ୍ରାଣୀମାନେ ମଧ୍ୟ ମୃତ୍ୟୁମୁଖରେ ପଡିଥାନ୍ତି। ଏଥିଯୋଗୁ ପ୍ରକୃତି ତାର ଭାରସାମ୍ୟ ହରାଇବା ଦ୍ୱାରା ବିଭିନ୍ନ ସମସ୍ୟା ଉତ୍ପନ୍ନ ହୋଇଥାଏ। ଏହାର ପ୍ରଭାବ ସିଧାସଳଖ ମଣିଷ ଉପରେ ପଡ଼ିଥାଏ। ତେଣୁ ନିଆଁ ଲଗାଇବା ନାହିଁ ଓ ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗକୁ ସୂଚନା ଦେଇ ଲିଭାଇବାକୁ ଉଦ୍ୟମ କରିବା ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଉପସ୍ଥିତ ପଞ୍ଚାୟତବାସୀ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ପାଠ କରିଥିଲେ। ବନବିଭାଗ ପକ୍ଷରୁ ସଚେତନତା ପାଇଁ ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଥିଲା। ଫରେଷ୍ଟ ଗାର୍ଡ ସସ୍ମିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ପାଇଁ ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ

## ଗଙ୍ଗାଧର ହତ୍ୟା ମାମଲା ତଦନ୍ତରେ ପୋଲିସର ଶିଥିଳତା

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)



ଏସ୍‌ପିଙ୍କୁ ଫେରାଦ ହେବାକୁ ଆସିଥିବା ମୃତକଙ୍କ ପରିବାର ସଦସ୍ୟ।

ସମ୍ବଲପୁର ଜିଲା ବୁର୍ଲା ଥାନା ଗୌଡ଼ପାଲିରେ ଗତ ଜାନୁଆରୀ ୩୦ରେ ସଂଘଟିତ ଗଙ୍ଗାଧର ବେହେରା(୪୨) ହତ୍ୟଶ ମାମଲାର ତଦନ୍ତରେ ପୋଲିସ ଶିଥିଳତା ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର ଲୋକ। ଏ ନେଇ ସେମାନେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ଜିଲା ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସହ ଆଲୋଚନା କରି ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଲିଖିତ ଦାବି ଜଣାଇଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ସୁଦାମ ମେହେର ନାମକ ଜଣେ ବ୍ୟକ୍ତି ଧମା ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ବୋଲି ଗତ ଜାନୁଆରୀ ୩୦ ତାରିଖ ସନ୍ଧ୍ୟାରେ ଫୋନ କରି ଗଙ୍ଗାଧରଙ୍କୁ ଡାକିଥିଲେ। ଏହା ଶୁଣି ଗଙ୍ଗାଧର ଘଟଣା ସମ୍ପର୍କରେ ସୁଦାମଙ୍କ ପରିବାର ଲୋକଙ୍କୁ ସୂଚନା ଦେବା ପାଇଁ ଘରୁ ବାହାରି ଯାଇଥିଲେ। ମାତ୍ର ସେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକ ରାତିସାରା ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ପରଦିନ ଅର୍ଥାତ ଜାନୁଆରୀ ୩୧ ତାରିଖ ଭୋର ସାଢ଼େ ୪ଟାରେ ଗଙ୍ଗାଧର ଗୁରୁତର ଅବସ୍ଥାରେ ଗୌଡ଼ପାଲି ଗାଁ ମଧ୍ୟରେ ପଡ଼ିଥିବା ସମ୍ପର୍କରେ ପରିବାର ଲୋକଙ୍କୁ ସୂଚନା ମିଳିଥିଲା। ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଫେବୃଆରୀ ୧ରେ ତାଙ୍କର ମୃତ୍ୟୁ ଘଟିଥିଲା। ଗଙ୍ଗାଧରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ତାଙ୍କ ସ୍ତ୍ରୀ ନିରୂପମା ବେହେରା ବୁର୍ଲା ଥାନାରେ ଏତଲା ଦେଇଥିଲେ। ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧), ୩(୫)ରେ ଏକ ମାମଲା(ନଂ.୪୯/୨୬)ରୁଜୁ କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲେ ଇତିମଧ୍ୟରେ ୧୦ଦିନ ବିତି ଯାଇଥିଲେ ହେଁ ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନାହିଁ। ପରେ ଅତିରିକ୍ତ ଏସ୍‌ପିଙ୍କ ପରାମର୍ଶକ୍ରମେ ପରିବାର ଲୋକେ ବୁର୍ଲା ଏସ୍‌ଡିପିଓ ବଲେଶ୍ୱର ଗିଧିଙ୍କୁ ସାକ୍ଷାତ କରିଥିଲେ। ପରିବାର ଲୋକଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏସ୍‌ଡିପିଓ ଗିଧି। ଘଟଣାର ତଦନ୍ତ ଜାରି ରହିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଇତ୍ୟବସରେ ମିଳି ସାରିଛି। ଘଟଣାସ୍ଥଳ ଓ ଏହି ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ମୃତକଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ।

# ୧୩ରୁ ବିଶ୍ୱଶାନ୍ତି ଅଖଣ୍ଡ ପ୍ରହର ନାମଯଜ୍ଞ

ସମ୍ବଲପୁର,୧୦।୩(ପ୍ରମୋଦ ବହିଦାର)

ସମ୍ବଲପୁର କେନଘାଟି ସ୍ଥିତ ଶ୍ରୀରାମ ବାଟିକାରେ ଆସନ୍ତା ୧୩ ତାରିଖରୁ ବିଶ୍ୱଶାନ୍ତି ପାଇଁ ଅଖଣ୍ଡ ୨୪ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ୩୫ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ସହିତ ସାଧୁସନ୍ଥ ଯୋଗ ଦେବା କାର୍ଯକ୍ରମ ରହିଛି ବୋଲି କହିଛନ୍ତି ନମାଯଜ୍ଞର ଉଦ୍ୟୋକ୍ତା ସିଦ୍ଧାର୍ଥ ସାହା। ସ୍ଥାନୀୟ ହୋଟେଲ ଡଲଫିନ୍‌ରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଆୟୋଜିତ ଏକ ଖବରଡାତା ସମ୍ମିଳନୀରେ ଅଖଣ୍ଡ ନାମଯଜ୍ଞ ଆୟେଜାନର ରୂପରେଖ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ସମ୍ବଲପୁର ମାଟିରେ ଏଭଳି ଏକ ଆଧାମ୍ଳିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବିଶ୍ୱ ଶାନ୍ତି ଏବଂ ସନାତନ ଧର୍ମର ପ୍ରଚାର। ଏଥିରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ପ୍ରୟାଗରାଜ, ଦିଲୀ ସହିତ ଅନ୍ୟାନ୍ୟ ଧର୍ମପୀଠରୁ ୧୫୦ରୁ ଊର୍ଦ୍ଧ୍ୱ ନାଗାବାବା, ମହନ୍ତ, ପିଠାଧିପତି, ମହାମଣ୍ଡଳେଶ୍ୱର ପ୍ରମୁଖ ସାଧୁସନ୍ଥଙ୍କ ସମାଗମ ହେବ ବୋଲି ସାହା ସୂଚନା ଦେଇଥିଲେ। ତାଙ୍କ ସୂଚନା ଅନୁସାରେ ମାର୍ଚ୍ଚ ୧୩ରେ ନାମଯଜ୍ଞ ପାଇଁ ଅଧିବାସ, ୧୪ରେ ସାଧୁସନ୍ଥ ସମଲେଶ୍ୱରୀଙ୍କ ଦର୍ଶନ କରି ସେଠାରୁ ଏକ ପଦୁଆରରେ ନଗର ପରିକ୍ରମା ପୂର୍ବକ ସହରବାସୀଙ୍କୁ ଆଶୀର୍ବାଦ ପ୍ରଦାନ କରିବେ। ସନ୍ଧ୍ୟାରେ ଶ୍ରୀରାମ ବାଟିକାରେ ଅଂଶଗ୍ରହଣ କରିଥିବା ସାଧୁସନ୍ଥଙ୍କ ବିଶେଷ ସେବା କରାଯିବ। ୧୫ ତାରିଖରେ ଗୁରୁନାମ ସହ ନାମଯଜ୍ଞର ଶୁଭାରମ୍ଭ ଓ ୧୬ରେ ପୂର୍ଣ୍ଣାହୁତି ହେବ। ଖବରଦାତା ସମ୍ମିଳନୀରେ ଦିଲ୍ଲୀର ମହା ମଣ୍ଡଳେଶ୍ୱର ଶ୍ରୀଶ୍ରୀ ଏକ ହଜାର ଆଠ ନୱଲ କିଶୋର ଦାସ ଜି ମହାରାଜ, ଅନ୍ତରାଷ୍ଟ୍ରୀୟ ରାମ କଥା ପ୍ରଚାର ଖାଲ୍‌ସା, ପଶ୍ଚିମ ଓଡ଼ିଶା ବୈଷ୍ଣବ ମହାସଂଘ ଅଧ୍ୟକ୍ଷ ମହନ୍ତ ହୃଷୀକେଶ ଦାସ ଜି ମହାରାଜ, ମଠପାଲି ରାଣୀମଠ ମହନ୍ତ ବାସୁଦେବ ଜି ମହାରାଜ, ଶ୍ରୀକ୍ଷେତ୍ର ଚାନ୍ଦପୁର ମଠ ମହନ୍ତ ରାଧାଚରଣ ଜି ମହାରାଜ, ମହନ୍ତ ସେକ୍ରେଟାରୀ ନାଗା ବାବା ରଘୁବୀର ଦାସ ମହାରାଜ, ମଧ୍ୟପ୍ରଦେଶ ଛତରପୁର ନାଗାବାବା ରାଜେଶ ପୁରୀ ଜି, ଚମ୍ବଲ ପିଠାଧିସ୍ୱର ସୁନ୍ଦର ଦାସ ଜି ମହାରାଜ, ଆୟୋଜକ କମିଟି ସଦସ୍ୟ ବିଶ୍ୱ ରଞ୍ଜନ ପୂଝାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟଜନ୍ତୁ ସହ ଜୈବବିବିଧତା ସୁରକ୍ଷା ପାଇଁ ଯତ୍ନବାନ ହୁଅ



ଡିଏଫଓ ବିକ୍ରମଦେବ ପଟ୍ଟନାୟକ ଜଣେ ୱାଚରଙ୍କୁ ସମ୍ମାନିତ କରୁଛନ୍ତି।

କୁଚିଣ୍ଡା, ୧୦।୩(ବିରଞ୍ଚି ଦର୍ଜ୍ଜୀ)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବନଖଣ୍ଡ ସ୍ତରୀୟ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କର କହିଥିଲେ ବନ୍ୟଜନ୍ତୁ ଓ ଜୈବ ବିବିଧତାର ସୁରକ୍ଷା ଏକ ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ। ଔଷଧୀୟ ବୃକ୍ଷ, ସୁଗନ୍ଧିତ ଗଳ୍ମ, ଜୈବ ବିବିଧତା ଏବଂ ଆଜୀବିକା ସଂରକ୍ଷଣ ଉପରେ ଆଲୋଚନା କରି ପର୍ଯ୍ୟାବରଣ, ଜଙ୍ଗଲ ଓ ଜୈବ ବିବିଧତା ସୁରକ୍ଷା ପାଇଁ ଜନ ସଚେତନତାର ଆବଶ୍ୟକତା ଉପରେ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏସିଏଫ ରେଶମା ଲାକ୍ରା ଓ ଆଲୋକ ଷଡ଼ଙ୍ଗୀ ଯୋଗଦେଇ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରେଞ୍ଜର ଦୀପକ ମହାନନ୍ଦ, ଲେଖାରାଣୀ ମହାନନ୍ଦ, ଗିରଧାରୀ ନାୟକ, ଲକ୍ଷ୍ମୀକାନ୍ତ ନାୟକ, ମହେନ୍ଦ୍ର ସାହୁଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ସୁରକ୍ଷା ଓ ତଦାରଖ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ବାମରା ରେଞ୍ଜର ୱାଚର ଡେଭିଡ ସୁରିନ, କୁଚିଣ୍ଡା ରେଞ୍ଜର ନେତ୍ର ଖଡିଆ, ଖଲାସୁଣି ରେଞ୍ଜର ପ୍ରଭାକର ବାରିକ, ବଡରମା ରେଞ୍ଜର ଅଶୋକ କୁମାର ଜିତ, ଜମନକିରା ରେଞ୍ଜର ଖଗେଶ୍ୱର ସହସିଆ ଏବଂ ଡ୍ରୋନ ଟେକନିସିଆନ ଆକାଶ ଜ୍ୟୋତିଙ୍କୁ ସମ୍ମାନୀତ କରାଯାଇଥିଲ।

# ଜନଗଣନାରେ ପୃଥକ୍ ଆଦିବାସୀ ଧର୍ମସଂହିତା ଦାବି

ସମ୍ବଲପୁର, ୧୦।୩ (ଭବାନୀ ଶଙ୍କର ଭୋଇ)

ଜାତୀୟ ଜନଗଣନାରେ ଏକ ପୃଥକ ଆଦିବାସୀ ଧର୍ମ ସଂହିତାସ୍ତମ୍ଭ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଅନାଦିକାଳରୁ ଆଦିବାସୀ ସମ୍ପ୍ରଦାୟ ନିଜସ୍ୱ ପରମ୍ପରା ଅନୁସାରେ ମୃତ୍ୟୁ, ଜନ୍ମ, ବିବାହ, ଆଦିରେ ରୀତିନୀତି ପାଳନ କରି ଆସୁଛନ୍ତି। ପୀଢ଼ି ପରେ ପୀଢ଼ି ଏହାକୁ ଆଦିବାସୀ ପରମ୍ପରାଭାବେ ଗ୍ରହଣ କରାଯାଇ ଆସିଛି। ତେଣୁ ଆଦିବାସୀ ସମ୍ପ୍ରଦାୟର ପ୍ରଥା, ପରମ୍ପରାର ସୁରକ୍ଷା ପାଇଁ ଆଗାମୀ ଜନଗଣନାରେ ଆଦିବାସୀ, ଅନୁସୂଚିତ ଜନଜାତି, ପ୍ରକୃତି ପୂଜା ପାଇଁ ଏକ ପୃଥକ ସ୍ତମ୍ଭ ଅନ୍ତର୍ଭୁକ୍ତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି। ଆଦିବାସୀଙ୍କ ଧର୍ମ ଏବଂ ପାରମ୍ପରିକ ବିଶ୍ୱାସକୁ ଅନ୍ୟାନ୍ୟ ଧାର୍ମିକ ବର୍ଗରେ ଭୁଲଭାବେ ତାଲିକାଭୁକ୍ତ କରାଯାଇଥିବା ସଂଘ ଅଭିଯୋଗ କରିଛି। ଧର୍ମ ସ୍ୱାଧୀନତାର ସାମ୍ବିଧାନିକ ଅଧିକାର ସହ ସଠିକ ତଥ୍ୟ ଦ୍ୱାରା ଆଦିବାସୀମାନଙ୍କର ସାମାଜିକ-ଆର୍ଥିକ ସ୍ଥିତିକୁ ବୁଝିବା ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ସହଜ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଅକ୍ଷୟ କୁମାର ଭୋଇ, ଯୁବରାଜ ଭୋଇ, ତରଣୀ ଖାଡିଆ, ଜୟଦେବ ମିଞ୍ଜ, ଯଶୋଦା ଖଡିଆ, ସୁଷମା ଖଡିଆ, ରଞ୍ଜିତା ଖଡିଆ, ସୁବାସ ଚନ୍ଦ୍ର ମିର୍ଦ୍ଧା ଉପସ୍ଥିତ ଥିଲେ।

# ସମ୍ବଲପୁରୀ ସାହିତ୍ୟରେ ନାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ସମ୍ବଲପୁର,୧୦।୩(ବି.ଶଙ୍କର)

ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦ ପକ୍ଷରୁ ଆଲୋଚନାଚକ୍ର ଏବଂ ସମ୍ବଲପୁରୀ କବିତା ପାଠ ସ୍ଥାନୀୟ ସାମ୍ବାଦିକ ଭବନରେ ସୋମବାର ରାତି ୮ଟାରେ ଅନୁଷ୍ଠିତ ହେଇଯାଇଛି । ପ୍ରାରମ୍ଭରେ ବିଶିଷ୍ଟ ଡାକ୍ତର ନାରାୟଣୀ ପଣ୍ଡା ଏବଂ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଆଲୋଚନାଚକ୍ରରେ ଶିକ୍ଷାବିତ୍ ଅନୁରାଧା ପୁରୋହିତ ସମ୍ମାନିତ ବକ୍ତା ଏବଂ କବୟିତ୍ରୀ ତପସ୍ୱିନୀ ନେପାକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ବଲପୁରୀ ସାହିତ୍ୟରେ ନାରୀର ଭୂମିକାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ବଲପୁରୀ ସାହିତ୍ୟରେ ସର୍ବଦା ନାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତାମାନେ କହିଥିଲେ। ଏହାପରେ ସିଦ୍ଧି ସ୍ୱରୂପା ପାଢୀଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା । ପ୍ରଭଞ୍ଜନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲାପାଳଙ୍କୁ ଫେରାଦ ଚାଷୀ, ସମିତି ସଦସ୍ୟ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ ଓ ସମିତିର ସଦସ୍ୟମାନେ।

## ଲ୍ୟାମ୍ପସରେ ଧାନକ୍ରୟ କେନ୍ଦ୍ର ନିର୍ମାଣ କାମ ନିମ୍ନମାନର ଅଭିଯୋଗ

ସମ୍ବଲପୁର,୧୦।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କୁଲୁଣ୍ଡି ଲ୍ୟାମ୍ପସ(ବହୁମୁଖୀ ବୃହତ୍‌କାର ସମବାୟ ସମିତି)ରେ ଧାନକ୍ରୟ କେନ୍ଦ୍ର ନିର୍ମାଣ କାମ ନିମ୍ନମାନର ହେଉଛି। ଏହିପରି ଅଭିଯୋଗ କରି ମଙ୍ଗଳବାର ଲ୍ୟାମ୍ପସର ଚାଷୀ ଓ ସମିତିର ସଦସ୍ୟମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଗତ ୨୭ତାରିଖରେ ଆୟୋଜିତ ସାଧାରଣ ପରିଷଦ ବୈଠକରେ ଏହି ବିଷୟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ସଦସ୍ୟ ଓ ଚାଷୀମାନେ ନିର୍ମାଣ କାମର ଗୁଣମାନ ସନ୍ତୋଷଜନକ ନୁହେଁ ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଲ୍ୟାମ୍ପସ କର୍ତ୍ତୃପକ୍ଷ ଚାଷୀମାନଙ୍କ ଅଭିଯୋଗ ଉପରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେଥିପାଇଁ ସମସ୍ତଙ୍କ ମତାମତ ଅନୁଯାୟୀ କୁଲୁଣ୍ଡି ଲ୍ୟାମ୍ପସ ପରିଚାଳନା ପରିଷଦ ସଦସ୍ୟମାନେ ଏହି ବିଷୟକୁ ଜିଲା ପ୍ରଶାସନ ନଜରକୁ ଆଣିବା ପାଇଁ ଚିନ୍ତା କରିଥିଲେ। ଜିଲାପାଳଙ୍କୁ ନିର୍ମାଣ କାର୍ଯ୍ୟର ତଦନ୍ତ କରି ଠିକାଦାର କିମ୍ବା କାର୍ଯ୍ୟରତ ସଂସ୍ଥା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଲ୍ୟାମ୍ପସ ପରିଚାଳନା ପରିଷଦ ସଦସ୍ୟ ମନୋହର ଓରାମ, ରୋଶନ ବେହେରା, ଅରୁଣ ନାୟକ, ନନ୍ଦକମାର ମିର୍ଦ୍ଧା ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ନାଟ୍ୟଶାଳାର ନାଟକ ସ୍ୱୟଂବର ମଞ୍ଚସ୍ଥ

ସମ୍ବଲପୁର,୧୦।୩(ବି.ଶଙ୍କର)



ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା ଦ୍ୱାରା ମଞ୍ଚସ୍ଥ ସ୍ୱୟଂବର ନାଟକର ଏକ ଦୃଶ୍ୟ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମର ମଙ୍ଗଳବାର ଥିଲା ଦ୍ୱିତୀୟ ରଜନୀ। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା କଳାକାରମାନେ ନାଟକ ସ୍ୱୟଂବର ମଞ୍ଚସ୍ଥ କରିଥିଲେ। ଏହାକୁ ଶଙ୍କର ତ୍ରିପାଠୀ ରଚନା କରିଥିବାବେଳେ ଲକ୍ଷ୍ମୀଧର ପୂଜାପଣ୍ଡା ନିର୍ଦ୍ଦେଶନା ଦେଇଥିଲେ। ମଣିଷର ନିରାପତ୍ତା ଲାଗି ଅନେକ ଆଇନ କାନୁନ, ପୋଥି ଏବଂ ବିଜ୍ଞାନ ରହିଛି । ମାତ୍ର ମଣିଷଟି ବଞ୍ଚି ପାରେନାହିଁ ସାଂପ୍ରତିକ ଯୁଗ ଯନ୍ତ୍ରଣାର ସ୍ୱର ଭିତରେ । ଆଇନ ଉପରୁ ତାର ବିଶ୍ୱାସ ତୁଟିଯାଏ । ତେଣୁ ସେ ସମାଜର ବଡ଼ପଣ୍ଡାମାନଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରେ । ନାଟକରେ ନାୟିକା ମନରେ ସ୍ୱପ୍ନ ଥିଲା। ଯେଉଁ ଦିନ ଅଗ୍ନିକୁ ସାକ୍ଷୀ ରଖି ବାପା ତାଙ୍କୁ ବିବାହ ଦେଲେ। ସେହିଦିନ ନୂଆ ଜୀବନଟିଏ ସେ ଆରମ୍ଭ କରିଥିଲା । ମାତ୍ର ଯୌତୁକ ଲାଗି ତାକୁ ପୋଡ଼ି ମାରି ଦିଆଗଲା । ପୋଲିସ ଚୁପ୍ ରହିଲା । ଏଭଳି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା । ଏମିତି ଅନେକ କାହାଣୀ ପ୍ରତ୍ୟହ ଆମ ସମାଜରେ ଘଟି ଚାଲିଛି। ତେଣୁ ଆଜିର ପରିପ୍ରେକ୍ଷୀରେ ଆମକୁ ଏ ନାଟକର ଆଡ୍‌ଭୋକେଟ୍ ଚରିତ୍ର ସହ ମିଶି ସଂଗ୍ରାମ କରିବାକୁ ପଡ଼ିବ । ଯାହାକି ନାରୀମାନେ ଅତ୍ୟାଚାରିତ ହୋଇ ମରି ବେନି ବୋଲି ସ୍ୱୟଂମ୍ବର ନାଟକ ମାଧ୍ୟମରେ କାଳାକାରମାନେ ବର୍ତ୍ତା ଦେଇଛନ୍ତି । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ସଂଯୋଜନାରେ କାଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା । ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସଂସ୍କୃତି ଗବେଷକ ଡ.ଶ୍ୟାମସୁନ୍ଦର ଧର, ନାଟ୍ୟବିତ୍ ଭବାନୀଶଙ୍କର ଧର ସମ୍ମାନୀତ ଅତିଥି ଥିଲେ ।

**ସାମୂହିକ ଛୁଟିରେ ଆଉଟ ସୋର୍ସିଂ କର୍ମଚାରୀ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ରାଜ୍ୟ ଆଉଟ ସୋର୍ସିଂ କର୍ମଚାରୀ ସଂଘର ଆହ୍ୱାନକ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟିରେ ରହିଛନ୍ତି। ବିଭିନ୍ନ ଦାବି ପୂରଣ ନେଇ କର୍ମଚାରୀମାନେ ଛୁଟିରେ ରହିବା ଫଳରେ ଏହାର ପ୍ରଭାବ ଖପ୍ରାଖୋଲ ବ୍ଲକରେ ପଡ଼ିଛି। ବ୍ଲକ, ଆଇସିଡିଏସ୍, ତହସିଲ ସମେତ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀ ସାମୂହିକ ଛୁଟିରେ ଥିବା ଜଣାଯାଇଛି। ଯାହାଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି।

**ସଂକ୍ଷେପରେ**

## ‘ମହିଳାଙ୍କୁ ତାଲିମ ପ୍ରଦାନ କଲେ ଆତ୍ମତୃପ୍ତି ମିଳେ’



ଲାଠୋର,୧୦।୩(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ ବର୍ତ୍ତିଆ ଗ୍ରାମରେ ବସବାସ କରନ୍ତି ଡାକପ୍ରିୟା ନାଗ। ଶିକ୍ଷାଗତ ଯୋଗ୍ୟତା ତାଙ୍କର ଗ୍ରାଜୁଏସନ। ପାଠ ପଢ଼ିବା ସମୟରେ ସେ ୨୦୧୫ ମସିହାରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଆତ୍ମରକ୍ଷା ତାଲିମ ଗ୍ରହଣ କରିଥିଲେ। ତାଲିମ ଗ୍ରହଣ ପରେ ସେ ମହିଳା ମାନଙ୍କୁ ଏହି ତାଲିମ ଦେଇ ସେମାନଙ୍କୁ ସମାଜରେ ସବଳ କରିବା ପାଇଁ ମନସ୍ଥ କରିଥିଲେ। ଏହା ପରଠାରୁ ସେ ବଲାଙ୍ଗୀର ଜିଲାର ଖପ୍ରାଖୋଲ, ବେଲପଡ଼ା, ତୁରେକେଲା, ମୁରିବାହାଲ ଏବଂ ପାଟଣାଗଡ ବ୍ଲକ ଅଞ୍ଚଳରେ ରହିଥିବା ସମସ୍ତ କଲେଜରେ ଅଧ୍ୟୟନରତ ଛାତ୍ରୀମାନଙ୍କୁ ପ୍ରତିବର୍ଷ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରୁଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ସେ ବହୁ ସଂଖ୍ୟକ ଛାତ୍ରୀ ତଥା ମହିଳାଙ୍କୁ ତାଲିମ ପ୍ରଦାନ କରି ଆତ୍ମରକ୍ଷା ପାଇଁ ସେମାନଙ୍କ ମନୋବଳ ବଢାଇଛନ୍ତି। ଏହି ମହତ୍ କାର୍ଯ୍ୟ ପାଇଁ ତାଙ୍କୁ ଗତ ୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ଏ ସମ୍ପର୍କରେ ଡାକପ୍ରିୟାଙ୍କୁ ପଚାରିଲେ ମହିଳାମାନଙ୍କୁ ତାଲିମ ପ୍ରଦାନ କଲେ ମତେ ଆତ୍ମାତୃପ୍ତି ମିଳେ। ବର୍ତ୍ତମାନ ଯୁଗକୁ ଦେଖିଲେ ପ୍ରତ୍ୟେକ ମହିଳା ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା ଜ୍ଞାନ କୌଶଳ ଶିଖିବା ସହ ଅନ୍ୟ ମହିଳାଙ୍କୁ ମଧ୍ୟ ଉତ୍ସାହିତ କରିବା ନିହାତି ଆବଶ୍ୟକ ବୋଲି କହିଛନ୍ତି।

# ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ପ୍ରକଳ୍ପ

ଲୋଇସିଂହା,୧୦।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟୀକା ପଞ୍ଚାୟତ ବଡଟୀକା ସଦର ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମକୁ ମେଗା ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଣ ପାଇଁ ସରକାରୀ ଓ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକଳ୍ପ ପାଇଁ ଓଭରହେଡ୍ ଟାଙ୍କି ନିର୍ମାଣକୁ ୩ ବର୍ଷ ବିତିଯାଇ ଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅପରପକ୍ଷେ ଉକ୍ତ ଟାଙ୍କି ନିର୍ମାଣ ପାଇଁ କୁଆଡେ ୨ ଜଣ ଠିକାଦାର ବଦଳି ଥିବା ଗ୍ରାମବାସୀ କହିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ଓ ଅନିୟମିତତା ହେବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୫ ୱାର୍ଡ ବିଶିଷ୍ଟ ବଡଟୀକା ଗ୍ରାମର ଜନସଂଖ୍ୟା ୩ ହଜାରରୁ ଉର୍ଦ୍ଧ୍ୱ ହେବ। ଜିଲା ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ବହୁ ଉଦ୍ୟମ ହୋଇଛି। କିନ୍ତୁ ପ୍ରକଳ୍ପଗୁଡିକ ଠିକ ଭାବେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବର୍ଷତମାମ ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଖରାଦିନରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏହି ସମସ୍ୟା ଦୂର ପାଇଁ ମେଗା ପ୍ରକଳ୍ପ ଜରିଆରେ ହରଘର ନଳ ଯୋଜନାରେ ବଡଟୀକାକୁ ପାନୀୟ ଜଳ ଯୋଗାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବଡଟୀକା–ଲରମ୍ବାମୁଣ୍ଡା ରାସ୍ତାର ବସଷ୍ଟାଣ୍ଡ ପଛପଟେ ଓଭରହେଡ ଟାଙ୍କି ନିର୍ମାଣ କରାଯାଉଛି।



ନିର୍ମାଣାଧୀନ ଓଭରହେଡ୍ ଟାଙ୍କି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପ୍ରଥମେ କାମ ପାଇଥିବା ଠିକାଦାର ଅବହେଳା କରିବା ପରେ ଅନ୍ୟ ଜଣେ ଠିକାଦାର ଟାଙ୍କି କାମ କରୁଛନ୍ତି। ପ୍ରକଳ୍ପ ତଥା ଟାଙ୍କି କାମରେ ବ୍ୟାପକ ଅନିୟମିତତା କରାଯାଉଛି। ଅପରପକ୍ଷେ ଘରକୁ ଘର ପାଇପ ସଂଯୋଗ ଓ ଗାଁରେ ପାଇପ ଲାଇନ ବିଛା କାମ ଅଦ୍ୟାବଧି ସରିନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ ଗାଁରେ ଜଳ ସଙ୍କଟ ଦେଖାଦେଲାଣି। ଗାଁର ଦୁଇ ମୁଣ୍ଡରେ ଥିବା ୨ଟି ନଳକୂପ ଗ୍ରାମବାସୀଙ୍କ ସାହା ଭରସା ସାଜିଛି। ବିଶେଷ କରି ୨୦୦୩ରେ ପୋଖରୀ ନିକଟରେ ଖୋଳା ଯାଇଥିବା ନଳକୂପ ହିଁ ସହାୟକ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ମେଗା ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରି ଜଳ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

## ଜାଡ଼େନ ଫାର୍ମର ଅଧ୍ୟକ୍ଷା ମଧୁମିତାଙ୍କୁ ସମ୍ବର୍ଦ୍ଧନା



ଖଡଗପୁରଠାରେ ମଧୁମିତା ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଉଛି।

ଟିଟିଲାଗଡ,୧୦।୩(ସନ୍ତୋଷ ପଟ୍ଟନାୟକ)

ପଶ୍ଚିମବଙ୍ଗର ଖଡଗପୁରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜାଡେନ ଫାର୍ମର ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକଙ୍କୁ ସର୍ବଶ୍ରେଷ୍ଠ କାର୍ଯ୍ୟଦକ୍ଷ ଗ୍ରାମୀଣ ନେତୃତ୍ୱ ସମ୍ମାନରେ ସମ୍ମାନିତ କରାଯାଇଛି। ଖଡଗପୁର ଆଇଆଇଟିର ଡାଇରେକ୍ଟର ପ୍ରଫେସର ସୁମନ ଚକ୍ରବର୍ତ୍ତୀ ଅତିଥି ଭାବେ ଯୋଗଦେଇ ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। କୃଷକ ସଶକ୍ତୀକରଣ, ମିଲେଟର ପ୍ରଚାର ଓ ଗ୍ରାମୀଣ ଜୀବିକା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀମତୀ ପଟ୍ଟନାୟକ ଜାଡେନ କୃଷକ ଉତ୍ପାଦନ କମ୍ପାନୀ ମାଧ୍ୟମରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମିଲେଟ ଭିତ୍ତିକ କୃଷି, ମୂଲ୍ୟ ବୃଦ୍ଧିକରଣ ଓ ବଜାର ସଂଯୋଗ ସୃଷ୍ଟି ପାଇଁ କାମ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ। ପୁରସ୍କୃତ ହେବା ପରେ ପଟ୍ଟନାୟକଙ୍କୁ ଟିଟିଲାଗଡ ଅଞ୍ଚଳର ବିଭିନ୍ନ ମହଲରୁ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସଇଁତଲା ବ୍ଲକ ଅଞ୍ଚଳରେ ବେଆଇନ ଇଟାଭାଟି



ଇଟା ପୋଡ଼ିବା ପାଇଁ କାଠ ଗଣ୍ଡି ରଖାଯାଇଛି।

- ନିୟମକୁ ଫୁ କରି ଚାଲିଛି ଇଟା ତିଆରି
- ପ୍ରଶାସନର ନାକତଳେ ଚାଲିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ସଇଁତଲା,୧୦।୩ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅଞ୍ଚଳରେ ବର୍ତ୍ତମାନ ବହୁ ସଂଖ୍ୟକ ବେଆଇନ ଇଟାଭାଟି ନିର୍ମାଣ ହୋଇଥିବା ବେଳେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ସଇଁତଲା ବ୍ଲକ ଅଞ୍ଚଳର ଭଦ୍ରା, କନ୍ଧକେଲଗାଁ, ଟିକ୍ରାପଡ଼ା, କରମତଲା, ତାଲବାହାଲ, ଧରବଗଡ଼, ବେଲଗାଁ, ଘୁନସର, କୁମ୍ଭାରୀ, ତାଲବାହାଲ, ଢ଼େଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ୩୦ରୁ ଉର୍ଦ୍ଧ୍ୱ ବେଆଇନ ଇଟାଭାଟି ଗଢ଼ି ଉଠିଛି। ବିଶେଷ କରି ନଦୀ କୂଳରେ ଥିବା ଗ୍ରାମଗୁଡିକରେ ଇଟା ଭାଟି ଦେଖିବାକୁ ମିଳିଛି। ବଡ଼ ବଡ଼ ଗଛ କଟାଯାଇ ଇଟାଭାଟିରେ ପୋଡ଼ା ଯାଉଛି। ଜଙ୍ଗଲ ନିକଟରେ ଥିବା ଇଟାଭାଟଗୁଡିକରେ ଜଙ୍ଗଲରୁ ଗଛ ଆଣି ଇଟା ପୋଡ଼ା ଯାଉଛି। ଫଳରେ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛଗୁଡ଼ିକ ବଳି ପଡୁଛି। ବର୍ତ୍ତମାନ ଖରାଦିନ ଆରମ୍ଭ ହୋଇଥିବା ବେଳେ ଭାଟିରୁ ନିର୍ଗତ ଧୂଆଁ ଯୋଗୁ ତାପମାତ୍ରା ଆହୁରି ବଢ଼ି ଚାଲିଛି। କେତେଜଣ ଇଟାଭାଟି ମାଲିକ ନିଜ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ଧରି ଘର ତିଆରି କରିବା ନାମରେ ଇଟା ପୋଡ଼ିବା ପାଇଁ ସରକାରଙ୍କ ନିୟମ ଅନୁସାରେ ଖଜଣା ଦେଇ ଅଧିକ ଇଟା ତିଆରି କରୁଛନ୍ତି। ଘର ନିର୍ମାଣ ନ କରି ତାକୁ ବିକ୍ରି କରି ବ୍ୟବସାୟ କରୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ପୋଡ଼ା ଇଟାର ବ୍ୟବହାରକୁ ମନା କରିଥିବା ବେଳେ ସଇଁତଲା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଶାସନର ନାକତଳେ ଏହି କାରବାର ଅବାଧରେ ଚାଲିଛି। ଇଟାଭାଟି ମାଲିକମାନେ ମନଇଚ୍ଛା ଇଟା ବ୍ୟବସାୟ ଚଳାଇଛନ୍ତି। ଯଥାଶୀଘ୍ର ଇଟାଭାଟି ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍‌ମାନେ ଦାବି କରିଛନ୍ତି।

## ହୋଲି ଖେଳ ବେଳେ ଦୁର୍ଘଟଣା, ଗାଡ଼ି ମାଲିକ ଗିରଫ

ଟିଟିଲାଗଡ଼,୧୦।୩(ଶରତ ମିଶ୍ର)

ହୋଲି ଖେଳ ସମୟରେ ସଡକ ଦୁର୍ଘଟଣା ଘଟି ଟିଟିଲାଗଡ ସହର ସର୍ଗିଗୁଡା ଅଞ୍ଚଳର ଚିନ୍ତାମଣି ସାହୁ ଓରଫ କାଳିଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଟିଟିଲାଗଡ଼ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୪ ତାରିଖରେ ଟିଟିଲାଗଡ ସହରରେ ଅନେକ ଉତ୍ସାହର ସହ ହୋଲି ଖେଳିଥିଲେ। କେତେଜଣ ବ୍ୟକ୍ତି ଏକ ବ୍ୟାଟେରି ଚାଳିତ ତିନିଚକିଆ ଗାଡ଼ିରେ ବସି ସହରରେ ଫଗୁ ଉଡ଼ାଇ ବୁଲୁଥିଲେ। ତେବେ ଗାଡ଼ିଟି ରଘୁନାଥ ପଡ଼ା ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଚିନ୍ତାମଣୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ଗାଡି ଜବତ କରିଥିଲା। ଏଥିସହ ଚାଳକ ତଥା ମାଲିକ ମୋହନ ଶର୍ମାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀଙ୍କ ସୂତ୍ରରୁ ଜଣାପଡିଛି।

## ଭତ୍ତା ଅପେକ୍ଷାରେ ମଞ୍ଜୁ

ଲୋଇସିଂହା,୧୦।୩(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ଅନ୍ତର୍ଗତ ବାଦିବାହାଲ ପଞ୍ଚାୟତ ଭାଲିଆମୁଣ୍ଡା ବଳଦେବପୁର ବସ୍ତିରେ ରୁହନ୍ତି ମଞ୍ଜୁ ହୋତା(୬୦)। ବିଧବା ଭତ୍ତା ପାଇଁ ବ୍ଲକ ପ୍ରଶାସନ ନିକଟରେ ଆବେଦନ କରିଥିଲେ ମଧ୍ୟ ଆଜିଯାଏ ମିଳିପାରିନାହିଁ। ଭତ୍ତା ବାବଦରେ ଯାହାକୁ ପଚାରିଲେ କେବଳ ଆଶ୍ୱାସନା ମିଳୁଥିବା ସେ କ୍ଷୋଭର ସହ କହିଛନ୍ତି। ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଘୁଷୁରାମୁଣ୍ଡା ଗାଁର ଜଗନ୍ନାଥ ହୋତା ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ମଞ୍ଜୁଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଜଗନ୍ନାଥ ଓ ମଞ୍ଜୁ ବଳଦେବପୁରରେ ରହୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ମଞ୍ଜୁ ଭତ୍ତା ପାଇଁ ଆବେଦନ କରିଥିଲେ। ଇତିମଧ୍ୟରେ ଜଗନ୍ନାଥଙ୍କ ମୃତ୍ୟୁ ହେବାର ପ୍ରାୟ ଦେଢ ବର୍ଷ ହେବାକୁ ଯାଉଛି। ସରକାରୀ ଚାଉଳ ବ୍ୟତୀତ ଅନ୍ୟାନ୍ୟ ସୁବିଧା ମିଳୁନାହିଁ। ଫଳରେ ମଞ୍ଜୁ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।



ମଞ୍ଜୁ ହୋତା

# ‘ଶ୍ରୀଜଗନ୍ନାଥ ଦର୍ଶନ’ ଯାତ୍ରାର ଶୁଭାରମ୍ଭ



ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

- ବଲାଙ୍ଗୀର ଜିଲାର ୧୮୫ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରୀ
- ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କଲେ ଅତିରିକ୍ତ ଜିଲାପାଳ

ବଲାଙ୍ଗୀର,୧୦।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯାତ୍ରାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବେହେରା ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତୀର୍ଥଯାତ୍ରୀମାନେ ବଲାଙ୍ଗୀରରୁ ପୁରୀ ଯିବା ଏବଂ ଆସିବା ବେଳେ କିଭଳି ସୁରକ୍ଷିତ ଯାତ୍ରା ପାଇଁ ସଚେତନ ହେବେ, ଗାଇଡ୍ ଓ ସହାୟକଙ୍କ କିଭଳି ପରାମର୍ଶ ନେବେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ୧୮୫ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ କଥା ବୁଝିବା ପାଇଁ ୫ ଜଣ ଏସକର୍ଟ ଅଫିସର, ୫ ଜଣିଆ ମେଡିକାଲ ଟିମ୍ ଏବଂ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ୫ ଜଣ ସୁପରଭାଇଜର ନିୟୋଜିତ ଥିବା ସୂଚନା ଦିଆଯାଇଛି। ଯାତ୍ରା ଆରମ୍ଭ ପୂର୍ବରୁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଶ୍ରଦ୍ଧାଳୁମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ବୁଧବାର ରାତିରେ ବଲାଙ୍ଗୀର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଇଛି। ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ପର୍ଯ୍ୟଟନ ବିଭାଗ କର୍ମଚାରୀ ନୀଳାଞ୍ଚଳ ଦୀପ ସହଯୋଗ କରିଥିଲେ।

## ସ୍ପିଡ୍ ବାଇକ୍ ଧକ୍କାରେ ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା

# ଜିଲାପାଳଙ୍କୁ ଭେଟିଲେ ଛାତ୍ର ସଂସଦ ପ୍ରତିନିଧି

ବଲାଙ୍ଗୀର, ୧୦।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଛାତ୍ର ସଂସଦର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ କରି ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆୟୁର୍ବେଦିକ କଲେଜ ଛାତ୍ର ସଂସଦ ସଭାପତି ଅଭିଳାଷ ପଟ୍ଟନାୟକ ଏବଂ ସମ୍ପାଦକ ସୌମ୍ୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଛାତ୍ର ପ୍ରତିନିଧି ମଣ୍ଡଳୀ ଯାଇଥିଲେ। ସେମାନେ କଲେଜ ସମ୍ମୁଖରେ ସ୍ପିଡ୍ ବାଇକ୍ ଧକ୍କାରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିବା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି କରିଥିଲେ। ଉକ୍ତ କଲେଜ ସମ୍ମୁଖ ଭିଆଇପି ରାସ୍ତାରେ ଶୀଘ୍ର ସ୍ପିଡ୍ ବ୍ରେକର ନିର୍ମାଣ କରିବା, ହାଇ ରିଜୋଲ୍ୟୁଶନ୍ ସିସି ଟିଭି କ୍ୟାମେରା ଲଗାଇବା, କଲେଜ କ୍ୟାମ୍ପସ ଭିତରେ ଯଥାଶୀଘ୍ର ଛାତ୍ରାବାସ ନିର୍ମାଣ କରିବା ଏବଂ କଲେଜ ରାସ୍ତାରେ ଦୁର୍ଘଟଣା ଏଡାଇବା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ଦାବି କରିଥିଲେ। ଏହାଛଡା ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଛାତ୍ର ପ୍ରତିନିଧିମାନେ ଦାବି କରିଥିଲେ। ଜିଲାପାଳ ଗୌରବ ଶିବାଜୀ ଇସଲୱାର ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ଶୀଘ୍ର ହାଇସ୍ପିଡ୍ ଗାଡିଗୁଡିକ ଯାଞ୍ଚ କରିବା, ରାସ୍ତାରେ ସ୍ପିଡ୍ ବ୍ରେକର ନିର୍ମାଣ ଏବଂ ଅନ୍ୟାନ୍ୟ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଛାତ୍ର ସଂସଦ ପ୍ରତିନିଧିମାନେ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଦାବିପତ୍ର ଦେଉଛନ୍ତି।

ସୂଚନାଯୋଗ୍ୟ, ଗତ ଶନିବାର ପୂର୍ବାହ୍ନ ୧୦ଟାରେ ପ୍ରଥମ ବର୍ଷ ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ ସିମ୍‌ରନ୍ ଷଡଙ୍ଗୀ ତାଙ୍କ ସହପାଠିନୀମାନଙ୍କ ସହ କଲେଜକୁ ପାଠ ପଢ଼ିବା ପାଇଁ ଯାଉଥିବା ବେଳେ କ୍ଷୀପ୍ର ଗତିରେ ଆସୁଥିବା ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ରବିବାର ବିଳମ୍ବିତ ରାତିରେ ସିମରନ୍‌ଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ସୋମବାର ଆୟୁର୍ବେଦିକ କଲେଜର ଛାତ୍ରୀଛାତ୍ରମାନେ କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରୋକୋ କରିଥିଲେ।

# ଘରକୁ ଫେରିଲେ ନିର୍ଯାତିତ ୧୦ ଦାଦନ ଶ୍ରମିକ



ଉଦ୍ଧାର ଶ୍ରମିକମାନେ।

ଖପ୍ରାଖୋଲ,୧୦।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ଅଧୀନ ଦମାଇପାଲି ଗାଁର ୧୦ ଜଣ ଦାଦନ ଶ୍ରମିକ ଓ ସେମାନଙ୍କ ସହ ଥିବା ୬ ଜଣ ଶିଶୁଙ୍କୁ ଆନ୍ଧ୍ରପ୍ରଦେଶର ସମୟାଭାସର ଏକ ଇଟାଭାଟିରୁ ଉଦ୍ଧାର କରାଯାଇଛି। ଶ୍ରମ ବିଭାଗ ଓ ପୋଲିସ ସହାୟତାରେ ଉଦ୍ଧାର କରାଯିବା ପରେ ସେମାନଙ୍କୁ ମଙ୍ଗଳବାର ନିଜ ଗାଁକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଉଦ୍ଧାର ଶ୍ରମିକମାନେ ଗତ ୩ ମାସ ତଳେ ପରିବାର ପ୍ରତିପୋଷଣ ନିମନ୍ତେ ଇଟାଭାଟିରେ କାମ ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ଖାଇବାକୁ ଦିଆ ନ ଯାଇ ଅଧିକ କାମ କରାଇ ନିର୍ଯାତନା ଦିଆଯାଉଥିବା ଶ୍ରମିକମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକ ଶ୍ରମ ବିଭାଗ ଓ ଲରମ୍ବା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲରମ୍ବା ଥାନାରେ ନଂ ୪୧/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଓ ଲରମ୍ବା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବଙ୍କ ପ୍ରୟାସରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସେଠାକୁ ଯାଇ ଶ୍ରମିକଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ଦମାଇପାଲିରେ ଛଡା ଯାଇଥିବା ସହକାରୀ ଶ୍ରମ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁତ୍ରା, ୧୦।୩(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବାସନ୍ତି କଲୋନୀରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ଆକାଶ ବାଗ (୨୨)। ପ୍ରାପ୍ତ ସୂଚନା ଅନୁସାରେ ଆକାଶ ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ହୋଲି ପର୍ବ ପାଇଁ ସେ କିଛି ଦିନ ପୂର୍ବରୁ ଘରକୁ ଆସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ସେ ଘର ଭିତରେ ଝୁଲୁଥିବା ଅବସ୍ଥାରେ ମିଳିଥିଲେ। ସନ୍ଧ୍ୟା ସମୟରେ ତାଙ୍କ ବଡ଼ଭାଇ ସୂରଜ ବାଗ କାମ ସାରି ଘରକୁ ଫେରି ଆକାଶଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଖବର ପାଇ କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା ଏବଂ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ସହିତ ଘଟଣାର ଠିକ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

### ବାଲିଚାଲାଣ ବେଳେ ଟ୍ରାକ୍ଟର ଜବତ, ଜଣେ ଗିରଫ

**ସୁନ୍ଦରଗଡ଼, ୧୦।୩(ଜୟନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ଼ ଜିଲା ତଲସରା ଥାନା ପୋଲିସ ରାତ୍ରି ପାଟ୍ରୋଲିଂ ସମୟରେ ବେଆଇନ ଭାବେ ବାଲି ଚାଲାଣ କରୁଥିବା ଏକ ଟ୍ରାକ୍ଟରକୁ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗତ ୯ ତାରିଖ ରାତିରେ ରାଶିପତ୍ରା ନିକଟରେ ପାଟ୍ରୋଲିଂ ବେଳେ ଜାଇସର ଗ୍ରାମ ନିକଟ ଇବ୍ ନଦୀ ଘାଟରୁ ବେଆଇନ ଭାବେ ବାଲି ବୋଝେଇ ହୋଇ ଆସୁଥିବା ଏକ ମହିନ୍ଦ୍ରା ଟ୍ରାକ୍ଟର ଓଡି ୧୬ ୪୭୩୬ ଓ ଟ୍ରଲି ଓଡି ୧୬ ୪୭୩୭କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିବାରୁ ଟ୍ରାକ୍ଟର ସହ ବାଲିକୁ ଜବତ କରାଯାଇଥିଲା। ଅଭିଯୁକ୍ତ ରାସିପତ୍ରାର ମହେଶ ମାଝୀ(୩୦) ବୋଲି ପୋଲିସ ସୂଚନା ଦେଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଖରାପ ଲାଇଟ ମରାମତି କଲା ପୌରପାଳିକା

**ବନ୍ଧମୁଣ୍ଡା, ୧୦।୩(ସୁବ୍ରତ ଦେ):** ବନ୍ଧମୁଣ୍ଡା ଡି- କେବିନ ଅଞ୍ଚଳରେ ଗତ କିଛି ଦିନ ଧରି ଖରାପ ହୋଇ ପଡ଼ି ରହିଥିବା ଷ୍ଟ୍ରିଟଲାଇଟ ଗୁଡ଼ିକୁ ମଙ୍ଗଳବାର ରାଉରକେଲା ପୌରପାଳିକା ଦ୍ୱାରା ମରାମତି କରାଯାଇଛି। ବିଦ୍ୟୁତ୍ ବିଭାଗ କର୍ମୀମାନଙ୍କ ଦ୍ୱାରା ଖରାପ ପଡ଼ିଥିବା ଲାଇଟ ଗୁଡ଼ିକୁ ସଜାଡ଼ିବା ପରେ ସ୍ଥାନୀୟ ଲୋକେ ପୌର ପାଳିକାକୁ ଧନ୍ୟବାଦ ଜଣାଇଛନ୍ତି। ଏହି ସମୟରେ ବନ୍ଧମୁଣ୍ଡାର ଭାଜପା ମଣ୍ଡଳ ଅଧକ୍ଷ ଲଖନ ଲୋହାର୍ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଗତ ପ୍ରାୟ ଗୋଟିଏ ମାସ ଧରି ଡି- କେବିନ ଠାରେ ଅଧିକାଂଶ ଷ୍ଟ୍ରିଟ ଲାଇଟ ଖରାପ ହୋଇପଡ଼ିଥିଲା। ଯାହାପାଇଁ ରାତି ସମୟରେ ସ୍ଥାନୀୟ ଲୋକଙ୍କୁ ଯାତାୟାତ କରିବାରେ ଅସୁବିଧା ହେଉଥିଲା।

### ସଟ୍ଟା ଚଢାଉ, ୨ଗିରଫ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ମଙ୍ଗଳବାର ଡୋରା ଗ୍ରାମରେ ଚାଲିଥିବା ସଟ୍ଟା ଆଡ୍ଡାରେ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡୋରା କେନାଲ ପଡାର ଶ୍ୟାମ ସିକା (୩୮) ଏବଂ ବରାହଗୋଡା କେନାଲ ଛକର ରାଜେଶ ବାଗ(୩୨)। ସେମାନଙ୍କ ପାଖରୁ ନଗଦ ୫ ହଜାର ଟଙ୍କା, ସଟ୍ଟାଖେଳରେ ବ୍ୟବହୃତ କାଗଜାତ, କାଲକୁଲେଟର ଆଦି ଜବତ ହୋଇଛି। ଏ ନେଇ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା (ନଂ.୫୭/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।



କ୍ଷତିପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିସ୍ଥାପିତ ଲୋକେ ଧାରଣା ଦେଉଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ପ୍ରତିବାଦ

**ସୁନ୍ଦରଗଡ଼, ୧୦।୩(ଜୟନାରାୟଣ ମେଣ୍ଟୁଲି)**

**କ୍ଷତିପୂରଣ ଦାବିରେ ଶାର୍ଟ ଖୋଲି ଧାରଣାରେ ବସିଲେ କୋଇଲା ଖଣି ବିସ୍ଥାପିତ ପରିବାର**

ଦାବି ପୂରଣ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅଭିନବ ପ୍ରତିବାଦ କରିଛନ୍ତି ଓସିପିଏଲର ହେମଗିର ବ୍ଲକ ସ୍ଥିତ ମନୋହରପୁର କୋଇଲା ଖଣି ବିସ୍ଥାପିତ ପରିବାର। ଓସିପିଏଲ ମନୋହରପୁର କୋଇଲା ଖଣି ପ୍ରକଳ୍ପର କ୍ଷତିଗ୍ରସ୍ତ ଜଙ୍ଗଲ ଜମି ହିତାଧିକାରୀଙ୍କୁ କ୍ଷତିପୂରଣ ଦାବିରେ ଏହି ଧାରଣା ଦିଆଯାଇଥିଲା। ଆନ୍ଦୋଳନକାରୀମାନେ ପୂର୍ବରୁ ଖଣି ଆଗରେ ବହୁବାର ଧାରଣା ଓ ଏପରିକି ଖଣି ବନ୍ଦ କରି ଆନ୍ଦୋଳନ କରିଥିଲେ। ପରେ ସେମାନଙ୍କ ଦାବି ପୂରଣ ସକାଶେ ଜିଲା ପ୍ରଶାସନ ଓ କମ୍ପାନୀ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଦାବି ପୂରଣ ନ ହେବାରୁ ମଙ୍ଗଳବାର ସେମାନେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଦେହରୁ ଶାର୍ଟ ଖୋଲି ମୁଣ୍ଡରେ କଳାଫିତା ବାନ୍ଧି ଓ ହାତରେ ପ୍ଲା କାର୍ଡ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିନ ଅଢେଇଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ପରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୪ତାରିଖରେ ଜିଲାପ୍ରଶାସନ, ବିସ୍ଥାପିତ ଓ କମ୍ପାନୀ ଅଧିକାରୀଙ୍କୁ ନେଇ ତ୍ରି ପାକ୍ଷିକ ଆଲୋଚନା କରିବାକୁ ଜିଲାପାଳ ମହଲତ ନେବାପରେ ଧାରଣାରୁ ଉଠିଥିଲେ ଆନ୍ଦୋଳନକାରୀ। ଓସିପିଏଲ ମନୋହରପୁର କୋଇଲା ଖଣିର ବିସ୍ଥାପିତ ସାନଘୁମୁଡାଓ ଡୁଲିଙ୍ଗାର ଏହି ଆନ୍ଦୋଳନକାରୀ ଥଇଥାନ ଓ ପୁନର୍ବାସ ନୀତି ଅନୁଯାୟୀ କ୍ଷତିପୂରଣ ଦାବିରେ ଜାନୁଆରୀ ୧୫ ରୁ ୩୦ତାରିଖ ପର୍ଯ୍ୟନ୍ତ ଖଣି ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ଜିଲାପାଳ ଡାକ୍ତର ମହାପାତ୍ର କମ୍ପାନୀର ଅଧିକାରୀ, ବିଧାୟକ ଯୋଗେଶ କୁମାର ସିଂହ, ଡାକ୍ତର ହିମାଂଶୁ ଷଡ଼ଙ୍ଗୀ,ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବିସ୍ଥାପିତଙ୍କ ସହିତ ଆଲୋଚନା କରି ଦେଢମାସ ମଧ୍ୟରେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହା ମଧ୍ୟରେ ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଡାକ୍ତର ହିମାଂଶୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ମଙ୍ଗଳବାର ପୁଣି ବିସ୍ଥାପିତମାନେ ଆନ୍ଦୋଳନକୁ ଓହ୍ଲାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

# ଶାନ୍ତିଶୃଙ୍ଖଳା ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ



ବୀରମିତ୍ରପୁର ଗୁପ୍ତେଶ୍ୱର ମେଳା ଅବ୍ୟବହିତ ପୂର୍ବରୁ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସର ଫ୍ଲାଗମାର୍ଚ୍ଚ।

**କୁଆଁରମୁଣ୍ଡା, ୧୦।୩(ମହେନ୍ଦ୍ର କୁମାର ସାହୁ)**

**୧୫ ଦିନ ଧରି ଚାଲିବ ଗୁପ୍ତେଶ୍ୱର ମେଳା**

ବୁଧବାରଠାରୁ ବୀରମିତ୍ରପୁର ଗୁପ୍ତେଶ୍ୱର ମେଳା ଆରମ୍ଭ ହେବାକୁ ଯାଉଛି। ଏହି ମେଳାରେ ଓଡ଼ିଶା ସମେତ ପଡୋଶୀ ଝାଡ଼ଖଣ୍ଡ, ବିହାର ଇତ୍ୟାଦି ରାଜ୍ୟରୁ ଦୋକାନୀମାନେ ସେମାନଙ୍କର ଜିନିଷପତ୍ର ଆଣି ବେପାର କରିଥାନ୍ତି। ଏହି ମେଳା ବୀରମିତ୍ରପୁର ଜଗନ୍ନାଥ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ମେଳାରେ ଶତାଧିକ ଦୋକାନ ସହ ରାମଦୋଳି, ମିକି ମାଉସ, ଟ୍ରାମ୍ପୋଲିନ ଇତ୍ୟାଦିର ପ୍ରଦର୍ଶନୀ କରାଯିବ। ଚଳିତବର୍ଷ ଏହାକୁ ଦେଖିବା ପାଇଁ ପ୍ରତ୍ୟହ ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବା ସହ ରବିବାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି ବୋଲି ବୀରମିତ୍ରପୁର ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେବା ସହ ମେଳାରେ ସମସ୍ତ ପ୍ରକାର ଶୃଙ୍ଖଳା ରକ୍ଷା ଦିଗରେ ପୋଲିସ କଡ଼ା ନଜର ରଖିଛି ବୋଲି ମେଳା ଉଦ୍‌ଘାଟନ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସର ଫ୍ଲାଗମାର୍ଚ୍ଚ ସମୟରେ ଆଇଆଇସି ନାଗ ଏହି ସୂଚନା ଦେଇଛନ୍ତି। ଦେଢ଼ ପ୍ଲାଟୁନ ପୋଲିସ ସନ୍ଧ୍ୟାରେ ମେଳା ପଡିଆ ନିକଟରୁ ବାହାରି ଗୋଲବଜାର, ସଣ୍ଡେ ମାର୍କେଟ, ମେନ ରୋଡ ଇତ୍ୟାଦି ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରିଛି। କେବଳ ମେଳା ନୁହେଁ, ଆସନ୍ତା ରାମ ନବମୀ ପାଳନ ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତ ଜନସାଧାରଣ ସହଯୋଗ ପାଇଁ ପୋଲିସ ପକ୍ଷରୁ ନିବେଦନ କରାଯାଇଛି।

### ବରପାଲିକୁ ରାଜସ୍ୱ ଉପଖଣ୍ଡ ଦାବି ନେଇ ବୈଠକ

**ବରପାଲି, ୧୦।୩(ଚିତ୍ତରଞ୍ଜନ ସାହୁ)**

ବରପାଲିକୁ ରାଜସ୍ୱ ଉପଖଣ୍ଡ ବା ସବ୍ ଡିଭିଜନ ଦାବି ନେଇ ମଙ୍ଗଳବାର ବରପାଲିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରପାଲି ଓକିଲ ସଂଘର ଆହ୍ୱାନକ୍ରମେ ସଂଘ କାର୍ଯ୍ୟାଳୟଠାରେ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜିତ ହୋଇଥିଲା। ବରପାଲିକୁ ସବ ଡିଭିଜନ ଦାବି ଆଜି କି କାଲିର ନୁହେଁ, ଦୀର୍ଘ ପ୍ରାୟ ୨୫ ବର୍ଷ ତଳେ ବରପାଲି ସାମ୍ବାଦିକ ସଂଘ ଏହି ଦାବି ପ୍ରଥମେ ଉତ୍‌ଥାପନ କରିବା ପରେ ପର୍ଯ୍ୟାୟକ୍ରମେ ବଣିକ ସଂଘ, ଓକିଲ ସଂଘ ଆଦିଙ୍କ ନେତୃତ୍ୱରେ ବହୁବାର ଆନ୍ଦୋଳନ କରାଯାଇଛି ହେଲେ କିଛି ସୁଫଳ ମିଳିପାରି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୌଗୋଳିକ ଓ ଜନସଂଖ୍ୟା ଦୃଷ୍ଟିରୁ ବରପାଲି ସବ୍ ଡିଭିଜନ ହେବା ପାଇଁ ଉପଯୁକ୍ତ ହୋଇଥିବାରୁ ଏହି ଦାବିକୁ ସରକାରଙ୍କଠାରେ ଆବେଦନ ଓ ନିବେଦନକରି ନିରାଶ ହେଲେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ବିଧାୟକ ଓ ସାଂସଦଙ୍କ ସହ ଆଲୋଚନା ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ପ୍ରତିନିଧି ଦଳ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

**କୁତ୍ରା, ୧୦।୩(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅଧୀନ ବଡ଼ଗାଁ ବନାଞ୍ଚଳର ପଞ୍ଚରା ସଂରକ୍ଷିତ ଜଙ୍ଗଲରୁ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତି ହେଲେ ରଙ୍ଗାମାଟି ଗ୍ରାମର ସଲମାନ ସୁରିନ (୩୦)। ସୋମବାର ସନ୍ଧ୍ୟାରେ ବନ କର୍ମଚାରୀ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ଯାଇଥିଲେ। ସେତେବେଳେ ଜଙ୍ଗଲ ଭିତରେ ଗଳିତ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପରେ ସେମାନେ ଏହି ବିଷୟରେ କୁତ୍ରା ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ହସ୍ପିଟାଲକୁ ପଠାଯାଇଛି। ପରିବାର ଲୋକଙ୍କ କହିବା ଅନୁସାରେ ସଲମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ପ୍ରାୟ ଅଢ଼େଇ ମାସ ପୂର୍ବେ ସେ ଘରୁ କେଉଁଠିକି ଚାଲିଯାଇଥିଲେ ଏବଂ ତା'ପରେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ପୂର୍ବରୁ ମଧ୍ୟ ସେ ଏଭଳି ଭାବେ ଘରୁ ଚାଲିଯାଇ ପୁଣି ଫେରିଆସିଥିଲେ। କିନ୍ତୁ ଏଥର ସେ ଆଉ ଫେରି ନ ଥିଲେ। ଏହି ଘଟଣାକୁ ନେଇ କୁତ୍ରା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୫ ଲକ୍ଷର ଚେକ୍ ପ୍ରଦାନ




ଭୁବନେଶ୍ୱର ସିଂଙ୍କ ସ୍ତ୍ରୀ ପୁଷ୍ପାଙ୍କୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଉଛି।

**ବାଲିଶଙ୍କରା, ୧୦।୩(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ଲ୍ୟାମ୍ପସ ପକ୍ଷରୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭୁବନେଶ୍ୱର ସିଂଙ୍କ ସ୍ତ୍ରୀ ପୁଷ୍ପା ସିଂଙ୍କୁ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଗତ ୨୧।୧୧।୨୦୨୫ରେ ତଲସରା ଥାନା ଅନ୍ତର୍ଗତ ଡୁମୁଲିଆ ପେଟ୍ରୋଲ ପମ୍ପ ନିକଟରେ କାର ଓ ବାଇକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତଲସରା ପୋଲିସ ପହଞ୍ଚି କାର, ବାଇକ୍ ଓ ମୃତଦେହ ଜବତ କରି ଘଟଣାର ତଦନ୍ତ କରିଥିଲା। ମୃତ ବାଇକ୍ ଆରୋହୀ ତଲସରା ଥାନା ଅନ୍ତର୍ଗତ ଟିଙ୍କିଲିପଡାର ଭୁବନେଶ୍ୱର ସିଂ। ସେ ବାଲିଶଙ୍କରା ଲ୍ୟାମ୍ପସରେ କିଷାନ କ୍ରେଡିଟ କାର୍ଡରେ ଋଣ କରିଥିଲେ। ଭୁବନେଶ୍ୱରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଯୋଗୁ ଇଫକୋ ଟୋକିଓ କମ୍ପାନୀ ତାଙ୍କ ସ୍ତ୍ରୀ ପୁଷ୍ପାଙ୍କୁ ୫ ଲକ୍ଷ ଟଙ୍କାର ଚେକ ମଧ୍ୟରେ ବୀମା ରାଶି ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିକାରୀ କିରଣ ସୋରେଙ୍ଗ, ବାଲିଶଙ୍କରା ଲ୍ୟାମ୍ପସ ଏମ୍‌ଡି ପରମେଶ୍ୱର ମହାକୁଳ ପ୍ରଦାନ କରିଥିଲେ। ସବ୍‌ଡ଼େଗା ବ୍ୟାଙ୍କ ଆକାଉଣ୍ଟାଣ୍ଟ ସୁକାନ୍ତ ମହାକୁଳ, ସବ୍‌ଡ଼େଗା ସୁପରଭାଇଜର ସୌମ୍ୟରଞ୍ଜନ ସେନାପତି, ବାଲିଶଙ୍କରା ଆକାଉଣ୍ଟାଣ୍ଟ ଖଡୁ ନାଏକ ପ୍ରମୁଖ ଉପସ୍ଥିତ ରହି ପୁଷ୍ପା ସିଂଙ୍କୁ କ୍ଷତି ପୂରଣ ବାବଦରେ ୫ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ଏହି ଚେକ ଜିଲା ସମବାୟ ବ୍ୟାଙ୍କ ସବଡ଼େଗା ଶାଖାରେ ପ୍ରଦାନ କରାଯାଇଥିଲା।

# ସମଲେଶ୍ୱରୀଙ୍କ ଶୀତଳଯାତ୍ରା ଆରମ୍ଭ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଶୀତଳଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଅବସରରେ ଦେବୀଙ୍କ ମନ୍ଦିରରେ ନିମ୍ବଡାଳକୁ ସମଲେଶ୍ୱରୀଙ୍କ ସ୍ୱରୂପ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ନିମ୍ବଡାଳକୁ ରାସ୍ତାରେ ଟାଣି ସହର ପରିକ୍ରମା କରାଯାଇଥିଲା। ପରିକ୍ରମା ସମୟରେ ଦେବୀଙ୍କ ଶ୍ରଦ୍ଧାଳୁମାନେ ସେହି ନିମ୍ବଡାଳରେ ପାଣି ଢାଳି ଦେବୀଙ୍କ ଆଶୀର୍ବାଦ ନେଇଥିଲେ। ବରଗଡ଼ ଏହି ପରମ୍ପରା ଦୀର୍ଘବର୍ଷରୁ ରହି ଆସିଛି। ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ଏଭଳି ଭାବେ ଦେବୀଙ୍କ ଶୀତଳ ଯାତ୍ରା ହୋଇଆସୁଛି। ଏହି ସମୟରେ ଗ୍ରୀଷ୍ମର ପ୍ରବେଶ ସାୟାହ୍ନ ଥିବାବେଳେ ଲୋକେ ମିଳିମିଳା, ହାଡ଼ଫୁଟି



ସମଲେଶ୍ୱରୀଙ୍କ ସ୍ୱରୂପ ନିମ୍ବ ଡାଳକୁ ବରଗଡ଼ ସହର ପରିକ୍ରମା କରାଯାଉଛି।

ଭଳି ଆଦି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଦେବୀଙ୍କ ଶୀତଳ ଯାତ୍ରା ଦ୍ୱାରା ଧରାପୃଷ୍ଠ ଶୀତଳ ରହିଥାଏ ଏବଂ ଦେବୀଙ୍କ ସ୍ୱରୂପ ସହର ପରିକ୍ରମା କରୁଥିବା ନିମ୍ବଡାଳରେ ପାଣି ଢାଳିଲେ ହାଡ଼ଫୁଟି, ମିଳିମିଳା ଭଳି ସଂକ୍ରାମକ ରୋଗରୁ ମୁକ୍ତି ମିଳେ ବୋଲି ଲୋକଙ୍କ ବିଶ୍ୱାସ ରହିଛି।

# ବୌଦ୍ଧକୁ ମିଳିଲା ପୌର ପରିଷଦର ମାନ୍ୟତା

**ବୌଦ୍ଧ, ୧୦।୩(ଅଜିତ କୁମାର ବାରିକ)**

ମାର୍ଚ୍ଚ ୧୦ଠାରୁ ବୌଦ୍ଧକୁ ବିଧିବଦ୍ଧ ଭାବରେ ପୌର ପରିଷଦର ମାନ୍ୟତା ମିଳିଛି। କିଛିଦିନ ପୂର୍ବରୁ ବୌଦ୍ଧ ପୌର ପରିଷଦର ନୂତନ ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇ ଆଗାମୀ ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ୍ୟ ଚୂଡ଼ାନ୍ତ ହୋଇସାରିଛି। ତେବେ ରାଜ୍ୟପାଳଙ୍କ ଦ୍ୱାରା ମୁଁରି ପରେ ବୌଦ୍ଧ ପୌର ପରିଷଦ ପାଇଁ ଚୂଡ଼ାନ୍ତ ଗେଜେଟ୍ ନୋଟିଫିକେଶନ ପ୍ରକାଶ ପାଇଛି। ନୂତନ ପୌରପରିଷଦ ନିର୍ବାଚନ ନିର୍ଦ୍ଧାରିତ ଅବଧିରେ ହେବକି, ପୁରୁଣା ନିର୍ବାଚିତ ପରିଷଦ ହିଁ କାର୍ଯ୍ୟ କରିବ ବୋଲି ତାହାକୁ ନେଇ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ସୂଚନା ମୁତାବକ, ବୌଦ୍ଧ ବ୍ଲକ ଅନ୍ତର୍ଗତ ମୁରୁଷୁଣ୍ଡି ପଞ୍ଚାୟତ ସହିତ ହରଭଙ୍ଗା ବ୍ଲକର ୫ ଖଣ୍ଡ ଗ୍ରାମ କାଳେଶ୍ୱର, ରଇଠାଣି, ସାନବୁଟୁପାଲି, ମାଉଲସିଙ୍ଗା, ସାନବାଗବର ଓ ସାନ ବଙ୍କାପଡା ଗ୍ରାମକୁ ବୌଦ୍ଧ ପୌର ପରିଷଦରେ ସାମିଲ କରାଯାଇଛି। ୱାର୍ଡ ସୀମା ନିର୍ଦ୍ଧାରଣ ପରେ ନୂତନ ପୌର ପରିଷଦକୁ ୨୫ ଗୋଟି ୱାର୍ଡରେ ବିଭକ୍ତ କରାଯାଇଛି। ୨୦୧୧ ଜନଗଣନାକୁ ଆଧାର କରି ପୌର ପରିଷଦ ଗଠନ କରାଯାଇଥିବା ବେଳେ ନୂତନ ପୌର ପରିଷଦରେ ୨୯,୮୧୦ ଜନସଂଖ୍ୟା ରେକର୍ଡ କରାଯାଇଛି। କିନ୍ତୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଜନଗଣନା କାର୍ଯ୍ୟ ଜାରି ରହିଥିବାବେଳେ ବୌଦ୍ଧ ପୌର ପରିଷଦର ଜନସଂଖ୍ୟା ୪୦ ହଜାର ଅତିକ୍ରମ କରିବା ଆଶା ରହିଛି।

# କୋଶଲ ସେନା ପ୍ରତିଷ୍ଠା ଦିବସ

**ବରଗଡ଼, ୧୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ମଙ୍ଗଳବାର କୋଶଲ ସେନା ପ୍ରତିଷ୍ଠା ଦିବସ ପାଳନ କରିଛି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କ ଜରିଆରେ କୋଶଲ ସେନା ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୮ଦଫା ଦାବି କରାଯାଇଛି। ପଶ୍ଚିମ ଓଡ଼ିଶାକୁ ନିଶାମୁକ୍ତ କରାଯିବା, ଚାଷୀ ସମସ୍ୟାର ସ୍ଥାୟୀ ସମାଧାନ, ପଶ୍ଚିମ ଓଡ଼ିଶାରେ ବନ୍ଦ ପଡ଼ିଥିବା ଚିନିକଳଗୁଡ଼ିକର ପୁନରୁଦ୍ଧାର, ସମ୍ବଲପୁରୀ କୋଶଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଆଦି ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ କୋଶଲ ସେନାର ବିରବଲ ମହାକୁଡ଼, ସୁଦାମ ପାତ୍ର, ଅଶୋକ ଛତର ଏବଂ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ମଦଭାଟି ଲାଇସେନ୍ସ ନବୀକରଣ ବାତିଲ ଦାବି

**ସୁନ୍ଦରଗଡ଼, ୧୦।୩(ଜୟନାରାୟଣ ମେଣ୍ଟୁଲି)**

**ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଲଇକେରା ଗ୍ରାମବାସୀ**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଲଇକେରା ଗ୍ରାମରେ ଥିବା ଦେଶୀ ମଦ ଭାଟି ଓ ଶାଖା ମଦଦୋକାନ ଲାଇସେନ୍ସ ନବୀକରଣକୁ ନାମଞ୍ଜୁର କରିବା ଦାବି ନେଇ ଗ୍ରାମବାସୀ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀ ଙ୍କ ତରଫରୁ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇ ଏଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ୧୭ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ଗ୍ରାମବାସୀ ଏହି ଦାବିପତ୍ରରେ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି ଯେ,ଲଇକେରା ଗ୍ରାମ ପଞ୍ଚାୟତର ଲଇକେରା ଗ୍ରାମ ପଞ୍ଚମ ଅନୁସୂଚିତ ଅଞ୍ଚଳ ମଧ୍ୟରେ ଅବସ୍ଥିତ। ଆଦିବାସୀ, ଦଳିତ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକ ଏହି ଗ୍ରାମରେ ବସବାସ କରନ୍ତି। ଏହି ଅଞ୍ଚଳରେ ମଦ ସହଜରେ ଉପଲବ୍ଧ ହେଉଥିବାରୁ ମଦ ଜନିତ ମୃତ୍ୟୁ ଓ ସାମାଜିକ ସମସ୍ୟା ଏକ ଭୟାଭୟ ପରିସ୍ଥିତି ସୃଷ୍ଟି କରିଛି। ଗତ କିଛି ବର୍ଷ ମଧ୍ୟରେ କେବଳ ଲଇକେରା ଗ୍ରାମରେ ପ୍ରାୟ ୧୭ଜଣ ବ୍ୟକ୍ତି ମଦ୍ୟପାନ ଜନିତ କାରଣରୁ ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମରେ ଏମିତି ପରିବାର ମଧ୍ୟ ରହିଛି,ଯେଉଁଠାରେ ବାପା ଓ ୨ପୁଅଙ୍କୁ ମଦ ଛଡେଇ ନେଇଛି। ଆଉ କେତେକ ପରିବାରରେ ମଦ ନିମନ୍ତେ ମା'ବାପାଙ୍କୁ ହରାଇ ଶିଶୁମାନେ ଅନାଥ ହୋଇଯାଇଛନ୍ତି। ଏହି ପରିସ୍ଥିତି ପଞ୍ଚାୟତର ସବୁ ଗ୍ରାମରେ ରହିଛି। ଏହି ମଦ ଭାଟି, ମଦ ଦୋକାନ ଯୋଗୁ ଚୋରି, ଡକାୟତି, ଗଣ୍ଡଗୋଳ ଓ ଘରୋଇ ହିଂସା ଆଦି ସାଧାରଣ ଘଟଣା ହୋଇଯାଇଛି। ସବୁଠାରୁ ଦୁଃଖର ବିଷୟ, ସହଜରେ ମଦ ଉପଲବ୍ଧ ହେଉଥିବାରୁ ସ୍କୁଲ ଛାତ୍ରମାନେ ମଧ୍ୟ ମଦ ସେବନ କରୁଛନ୍ତି। ଏହାକୁ ଆଖି ଆଗରେ ରଖି ମଦ ଭାଟି ଓ ମଦ ଦୋକାନ ବନ୍ଦ ଦାବିରେ ଗତ ୧୨।୨।୨୦୨୬ରିଖରେ ଗ୍ରାମସଭାରେ ଗୃହୀତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ନ ହେଲେ ଗ୍ରାମବାସୀ ଆସନ୍ତା ୧୭ ତାରିଖ ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।



## ସଂକ୍ଷେପରେ

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ତରଭା, ୧୦।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମୋରାଡୁଗୁଛା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ଼. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକଙ୍କ ଉପସ୍ଥିତିରେ ଶୁଣାଣି ହୋଇଥିଲା। ମୋଟ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୨୧ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ସମସ୍ୟା ସମ୍ବନ୍ଧିତ ଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲାପାଳ (ରାଜସ୍ୱ)ରାଜେନ୍ଦ୍ର ମାଝୀ, ଉପଜିଲାପାଳ ସୋନପୁର ଡ ସୌମ୍ୟାରୂପା ରଥ, ତରଭା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ, ତହସିଲଦାର ସତୋଲିନା ମହାନା, ମୋରାଡୁଗୁଛା ଗ୍ରାମ ପଞ୍ଚାୟତ ସରପଞ୍ଚ ମନମୋହନ ସାହୁ, ଡେପୁଟି କଲେକ୍ଟର ତଥା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

### ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

**ବଘିଆପଡା, ୧୦।୩(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ବଘିଆପଡା ଗ୍ରାମର ସ୍ୱର୍ଗତ ଲତାରାଣୀ ସାହୁଙ୍କ ସ୍ୱାମୀ ଆନନ୍ଦ ସାହୁଙ୍କୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ଏସ୍‌ବିଆଇ ପକ୍ଷରୁ ୨ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି। ଏହି ସମୟରେ ବଘିଆପଡା ଶାଖାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଖାଁ, ଏକାଉଣ୍ଟାଣ୍ଟ ପ୍ରଶାନ୍ତ କୁମାର ଦାସ, ବ୍ୟାଙ୍କ ମିତ୍ର ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲତାରାଣୀ ବଘିଆପଡ଼ାସ୍ଥିତ ଏସ୍‌ବିଆଇ ଶାଖାରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ଏକ ବୀମା କରିଥିଲେ। ଏହାପରେ ଲତାରାଣୀ ସାହୁଙ୍କ ଅକାଳ ବିୟୋଗ ପରେ ତାଙ୍କ ପରିବାରକୁ ଏହି ଯୋଜନାରେ ବ୍ୟାଙ୍କ ପକ୍ଷରୁ ଉକ୍ତ ବୀମା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ପ୍ରଦୀପ ମେହେର ଅତିଥି ଭାବେ ଯୋଗଦେଇ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଚେକ୍ ପ୍ରଦାନ କରିଥିଲେ।

# ମନ୍ଥର ଗତିରେ ଚାଲିଛି ମେଗା ପାନୀୟ ପ୍ରକଳ୍ପ

**ଲୋଇସିଂହା, ୧୦।୩(ସୁଶାନ୍ତ ବାରିକ)**


ନିର୍ମାଣାଧୀନ ଓଭରହେଡ୍ ଟାଙ୍କି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟୀକା ପଞ୍ଚାୟତ ବଡଟୀକା ସଦର ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗ୍ରାମକୁ ମେଗା ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଣ ପାଇଁ ସରକାରୀ ଓ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକଳ୍ପ ପାଇଁ ଓଭରହେଡ୍ ଟାଙ୍କି ନିର୍ମାଣକୁ ୩ ବର୍ଷ ବିତିଯାଇ ଥିଲେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅପରପକ୍ଷେ ଉକ୍ତ ଟାଙ୍କି ନିର୍ମାଣ ପାଇଁ କୁଆଡେ ୨ ଜଣ ଠିକାଦାର ବଦଳି ଥିବା ଗ୍ରାମବାସୀ କହିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ଓ ଅନିୟମିତତା ହେବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୫ ୱାର୍ଡ ବିଶିଷ୍ଟ ବଡଟୀକା ଗ୍ରାମର ଜନସଂଖ୍ୟା ୩ ହଜାରରୁ ଉର୍ଦ୍ଧ୍ୱ ହେବ। ଜିଲା ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ବହୁ ଉଦ୍ୟମ ହୋଇଛି। କିନ୍ତୁ ପ୍ରକଳ୍ପଗୁଡିକ ଠିକ ଭାବେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ବର୍ଷତମାମ ଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଖରାଦିନରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ଏହି ସମସ୍ୟା ଦୂର ପାଇଁ ମେଗା ପ୍ରକଳ୍ପ ଜରିଆରେ ହରଘର ନଳ ଯୋଜନାରେ ବଡଟୀକାକୁ ପାନୀୟ ଜଳ ଯୋଗାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ବଡଟୀକା–ଲରମ୍ଭାମୁଣ୍ଡା ରାସ୍ତାର ବସଷ୍ଟାଣ୍ଡ ପଛପଟେ ଓଭରହେଡ ଟାଙ୍କି ନିର୍ମାଣ କରାଯାଉଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ପ୍ରଥମେ କାମ ପାଇଥିବା ଠିକାଦାର ଅବହେଳା କରିବା ପରେ ଅନ୍ୟ ଜଣେ ଠିକାଦାର ଟାଙ୍କି କାମ କରୁଛନ୍ତି। ପ୍ରକଳ୍ପ ତଥା ଟାଙ୍କି କାମରେ ବ୍ୟାପକ ଅନିୟମିତତା କରାଯାଉଛି। ଅପରପକ୍ଷେ ଘରକୁ ଘର ପାଇପ ସଂଯୋଗ ଓ ଗାଁରେ ପାଇପ ଲାଇନ ବିଛା କାମ ଅଦ୍ୟାବଧି ସରିନାହିଁ। ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଥିବାରୁ ଗାଁରେ ଜଳ ସଙ୍କଟ ଦେଖାଦେଲାଣି। ଗାଁର ଦୁଇ ମୁଣ୍ଡରେ ଥିବା ୨ଟି ନଳକୂପ ଗ୍ରାମବାସୀଙ୍କ ସାହା ଭରସା ସାଜିଛି। ବିଶେଷ କରି ୨୦୦୩ରେ ପୋଖରୀ ନିକଟରେ ଖୋଳା ଯାଇଥିବା ନଳକୂପ ହିଁ ସହାୟକ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ମେଗା ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରି ଜଳ ଯୋଗାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ


ଶିବିରରେ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଉଛନ୍ତି।

**ସୋନପୁର, ୧୦।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜଠାରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ କଲେଜର ଅଧ୍ୟକ୍ଷା ରୀତାରାଣୀ ପୂଜାରୀ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଶିବିରରେ ବିଭିନ୍ନ ପର୍ଯ୍ୟାୟରେ ଯୁକ୍ତ ୩ ପ୍ରଥମ ବର୍ଷର ୧୮୭ ଜଣ ଛାତ୍ରୀ ତାଲିମ ଗ୍ରହଣ କରିଥିଲେ। ଶିବିରକୁ ମାଷ୍ଟର ଟ୍ରେନର ଭାବେ ନିବେଦିତା ମିଶ୍ର ପରିଚାଳନା କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ଏହି ଅବସରରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ମିତାଶ୍ରୀ ବାରିକ ଶିବିର ପରିଚାଳନା କରିଥିଲେ। କଲେଜର ଅଧ୍ୟାପିକା ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ପାଇଁ ଭିନ୍ନ ପ୍ରୟାସ



ସଡ଼କ ଦୁର୍ଘଟଣା ନେଇ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କୈବର୍ତ୍ତ ସମାଜ କର୍ମକର୍ତ୍ତା।

**ବିନିକା, ୧୦।୩ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଦୁର୍ଘଟଣା ଉପରେ ରୋକ ଲଗାଇବା ପାଇଁ ମଙ୍ଗଳବାର କୈବର୍ତ୍ତ ସମାଜ ଭିନ୍ନ ପ୍ରୟାସ ଆପଣାଇ ଥିଲେ। ବିନିକା ମହାନଦୀ ବ୍ରିଜ ଉପରେ କିଛିଦିନ ହେବ ବାରମ୍ବାର ଦୁର୍ଘଟଣା ଘଟିଆସୁଛି। ତେଣୁ ବ୍ରିଜ ଉପରେ ଦୁର୍ଘଟଣା ରୋକିବାକୁ ମା'ବାଇକାନୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଗାଡି ଚାଳକମାନଙ୍କୁ ଲିଫଲେଟ, ପାଣି, ବୁନ୍ଦି, କଦଳୀ ପ୍ରସାଦ ବାଣ୍ଟିଥିଲେ। ଧୀରେ ଗାଡି ଚଳାଇବା, ହେଲମେଟ, ସିଟବେଲ୍ଟ ବ୍ୟବହାର କରିବା ପାଇଁ ସଚେତନ କରାଇଥିଲେ। ବିନିକା ଓ ଚଡେଇପଙ୍କ କୈବର୍ତ୍ତ ସମାଜର ଏଭଳି ପଦକ୍ଷେପକୁ ସବୁଆଡେ ପ୍ରଶଂସା କରାଯାଉଛି । କାଉନସିଲର ପ୍ରଦୀପ ବାଘ, ଜିତୁ ମଲ୍ଲିକ, ସାମାଜିକ କର୍ମୀ ରଞ୍ଜନ ମେହେର, ବିଶେଶ୍ୱର ସେଠୀ, ସମ୍ପିତ ନେପାଳ, ହାଡୁ ବଢ଼େଇ, ସାନୁର୍ଯ୍ୟ ନାଏକଙ୍କ ସମେତ ସମସ୍ତ କୈବର୍ତ୍ତ ସମାଜ ସଦସ୍ୟ ଯୋଗଦେଇଥିଲେ।

### ରକ୍ତଦାନ ଶିବିର

**ବିନିକା, ୧୦।୩ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁହିବାହାଲ ଦୁର୍ଗା ମଣ୍ଡପ ପ୍ରତିଷ୍ଠା ଅବସରରେ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଜିତ ସ୍ମୃତି କମିଟି ଓ ଜୟ ଶ୍ରୀରାମ ଗ୍ରୁପ ଗୁଟେ ଜୀବନ କୁଟୁମ୍ବ ପକ୍ଷରୁ ଆୟୋଜିତ ଶିବିରରେ ୬ ଜଣ ମହିଳାଙ୍କ ସହ ୪୧ଜଣ ରକ୍ତଦାନ କରିଥିଲେ । ବୁର୍ଲା ରକ୍ତଭଣ୍ଡାର କର୍ମଚାରୀ ଡା ପ୍ରଭାତ କୁମାର ମେହେର, ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାସ, ପ୍ରହଲ୍ଲାଦ ଭୋଇ, ସଂଜୀବ ପେରା, ପାଇନୁ ଭୋଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଭୁବନେଶ୍ୱର ପ୍ରଧାନ, ଚନ୍ଦ୍ରକାନ୍ତ ପଧାନଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଆୟୋଜନରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଦୁର୍ଗା ମଣ୍ଡପ ପ୍ରତିଷ୍ଠା କମିଟିର ସୁଶାନ୍ତ ରଣା, ନିଳମଣୀ ମହାଲିଙ୍ଗ, ଭୀମଭୋଇ ସେବା ଫାଉଣ୍ଡେଶନ ପ୍ରତିଷ୍ଠାତା ରାମଗୋପାଳ ବାଘ, ଜୟଦେବ ହର, ଓକିଲ ବୃନ୍ଦାବନ ମିଶ୍ର, ବୀରେନ୍ଦ୍ର ପୋଢ, ସଭାପତି ଅର୍ଚ୍ଚନା ପୂଜାହାରୀ, କାର୍ଯ୍ୟକାରୀ ସଭାପତି ବାଳଗୋପାଳ ପଣ୍ଡା, ସମ୍ପାଦକ ପ୍ରିୟରଞ୍ଜନ ହୋତା, ଅଭିଜିତ ପୂଜାହାରୀ ସ୍ମୃତି କମିଟି ସଭାପତି ଗୀତାଞ୍ଜଳି ପୂଜାହାରୀ ସହଯୋଗ କରିଥିଲେ ।

# ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ରାମାୟଣ ପାରାୟଣ

**ବୀରମହାରାଜପୁର, ୧୦।୩ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲିଠାରେ ନବନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଅଙ୍କୁରାରୋପଣ ଓ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ୧୧ତାରିଖରେ ରତ୍ନମୁଦ ୧୨ରେ ଧାନ୍ୟାଭିଷେକ ସହି ଜଳନ୍ଧର ଦରବାରରେ ବିଶିଷ୍ଟ କଳାକାର ଗୁରୁ ଭୁବନେଶ୍ୱର ପ୍ରଧାନ ଅଭିନୟ କରିବେ। ୧୩ତାରିଖରେ ଚଣ୍ଡୀଯଜ୍ଞ, ୧୪ରେ ରୁଦ୍ରାଭିଷେକ, ୨୪ପ୍ରହର ନାମଯଜ୍ଞ, ୧୫ରେ ଚନ୍ଦ୍ରଚୂଡ଼ ଓ ପାର୍ବତୀଙ୍କ ପୂଜା, ୧୬ରେ ଠାକୁର ବିଗ୍ରହ ମନ୍ଦିର ପ୍ରବେଶ ଓ ୧୭ତାରିଖରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି । ଗାୟକ ମନରଞ୍ଜନ ମିଶ୍ର ପୁରାଣ ପାଠ କରୁଛନ୍ତି। ଟିଠିପାଲି ମଠ ମହନ୍ତ ସୀତାରାମ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ମୁଖ୍ୟ କର୍ତ୍ତା ଭୀଷ୍ମଦେବ ଅମାତ ଓ ପ୍ରେମଶିଳା ଅମାତ, ନବାହ କର୍ତ୍ତା ଭାବେ ସୁରୁବାବୁ ପଧାନ ସପତ୍ନୀକ, କମିଟି ସଭାପତି ବିଦେଶୀ ମହାକୁର, ସମ୍ପାଦକ ମଳୟ କୁମାର ଅମାତ ସହଯୋଗ କରୁଛନ୍ତି।

# ବିନିକା ଦୁର୍ଗା ମନ୍ଦିର ଉତ୍ସବ ମୁଖର

**ବିନିକା, ୧୦।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସଷ୍ଟାଣ୍ଡସ୍ଥିତ ଦୁର୍ଗା ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ମହା ଆଳତୀ ଲାଗି ହୋଇଛି। ଏଥିପାଇଁ ମା'ଦୁର୍ଗାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ଘଣ୍ଟ ମହୁରି, ଢୋଲ ନିଶାନ ବାଦ୍ୟରେ ସାରା ପ୍ରାଙ୍ଗଣ ଉତ୍ସବ ମୁଖର ଦେଖିବାକୁ ମିଳିଥିଲା।

# 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ


ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

- ବଲାଙ୍ଗୀର ଜିଲାର ୧୮୫ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା
- ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କଲେ ଅତିରିକ୍ତ ଜିଲାପାଳ

**ବଲାଙ୍ଗୀର, ୧୦।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ପରିବହନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସନ୍ଧ୍ୟାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବେହେରା ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତୀର୍ଥଯାତ୍ରୀମାନେ ବଲାଙ୍ଗୀରରୁ ପୁରୀ ଯିବା ଏବଂ ଆସିବା ବେଳେ କିଭଳି ସୁରକ୍ଷିତ ଯାତ୍ରା ପାଇଁ ସଚେତନ ହେବେ, ଗାଇଡ୍ ଓ ସହାୟକଙ୍କ କିଭଳି ପରାମର୍ଶ ନେବେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ୧୮୫ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ କଥା ବୁଝିବା ପାଇଁ ୫ ଜଣ ଏସକର୍ଟ ଅଫିସର, ୫ ଜଣିଆ ମେଡିକାଲ ଟିମ୍ ଏବଂ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ୫ ଜଣ ସୁପରଭାଇଜର ନିୟୋଜିତ ଥିବା ସୂଚନା ଦିଆଯାଇଛି। ଯାତ୍ରା ଆରମ୍ଭ ପୂର୍ବରୁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଶ୍ରଦ୍ଧାଳୁମାନଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ବୁଧବାର ରାତିରେ ବଲାଙ୍ଗୀର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁହାଯାଇଛି। ଅଧ୍ୟାପକ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ପର୍ଯ୍ୟଟନ ବିଭାଗ କର୍ମଚାରୀ ନୀଳାଞ୍ଚଳ ଦୀପ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ଭେଟିଲେ ଛାତ୍ର ସଂସଦ ପ୍ରତିନିଧି

**ସ୍ପିଡ୍ ବାଇକ୍ ଧକ୍କାରେ ଡାକ୍ତରୀ ଛାତ୍ରୀ ମୃତ୍ୟୁ ଘଟଣା**

**ବଲାଙ୍ଗୀର, ୧୦।୩ (ବୀରେନ୍ଦ୍ର କୁମାର ଝାଙ୍କର)**


ଛାତ୍ର ସଂସଦ ପ୍ରତିନିଧିମାନେ ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ଦାବିପତ୍ର ଦେଉଛନ୍ତି।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଛାତ୍ର ସଂସଦର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳଙ୍କୁ ସାକ୍ଷାତ କରି ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆୟୁର୍ବେଦିକ କଲେଜ ଛାତ୍ର ସଂସଦ ସଭାପତି ଅଭିଳାଷ ପଟ୍ଟନାୟକ ଏବଂ ସମ୍ପାଦକ ସୌମ୍ୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଛାତ୍ର ପ୍ରତିନିଧି ମଣ୍ଡଳୀ ଯାଇଥିଲେ। ସେମାନେ କଲେଜ ସମ୍ମୁଖରେ ସ୍ପିଡ୍ ବାଇକ୍ ଧକ୍କାରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ଅକାଳ ମୃତ୍ୟୁ ଘଟିବା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି କରିଥିଲେ। ଉକ୍ତ କଲେଜ ସମ୍ମୁଖ ଭିଆଇପି ରାସ୍ତାରେ ଶୀଘ୍ର ସ୍ପିଡ୍ ବ୍ରେକର ନିର୍ମାଣ କରିବା, ହାଇ ରିଜୋଲ୍ୟୁଶନ୍ ସିସି ଟିଭି କ୍ୟାମେରା ଲଗାଇବା, କଲେଜ କ୍ୟାମ୍ପସ ଭିତରେ ଯଥାଶୀଘ୍ର ଛାତ୍ରାବାସ ନିର୍ମାଣ କରିବା ଏବଂ କଲେଜ ରାସ୍ତାରେ ଦୁର୍ଘଟଣା ଏଡାଇବା ପାଇଁ ଜନସଚେତନତା ସୃଷ୍ଟି କରିବାକୁ ଦାବି କରିଥିଲେ। ଏହାଛଡା ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଛାତ୍ର ପ୍ରତିନିଧିମାନେ ଦାବି କରିଥିଲେ। ଜିଲାପାଳ ଗୌରବ ଶିବାଜୀ ଇସଲୱାର ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ଶୀଘ୍ର ହାଇସ୍ପିଡ୍ ଗାଡିଗୁଡିକ ଯାଞ୍ଚ କରିବା, ରାସ୍ତାରେ ସ୍ପିଡ୍ ବ୍ରେକର ନିର୍ମାଣ ଏବଂ ଅନ୍ୟାନ୍ୟ ଦାବି ପୂରଣ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଗତ ଶନିବାର ପୂର୍ବାହ୍ନ ୧୦ଟାରେ ପ୍ରଥମ ବର୍ଷ ଆୟୁର୍ବେଦିକ ଡାକ୍ତରୀ ଛାତ୍ରୀ ସିମ୍‌ରନ୍ ଷଡଙ୍ଗୀ ତାଙ୍କ ସହପାଠିନୀମାନଙ୍କ ସହ କଲେଜକୁ ପାଠ ପଢ଼ିବା ପାଇଁ ଯାଉଥିବା ବେଳେ କ୍ଷିପ୍ର ଗତିରେ ଆସୁଥିବା ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ରବିବାର ବିଳମ୍ବିତ ରାତିରେ ସିମରନ୍‌ଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ସୋମବାର ଆୟୁର୍ବେଦିକ କଲେଜର ଛାତ୍ରୀଛାତ୍ରମାନେ କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତାରୋକୋ କରିଥିଲେ।

# ଘରକୁ ଫେରିଲେ ନିର୍ଯାତିତ ୧୦ ଦାଦନ ଶ୍ରମିକ


ଉଦ୍ଧାର ଶ୍ରମିକମାନେ।

**ଖପ୍ରାଖୋଲ, ୧୦।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ଭା ଥାନା ଅଧୀନ ଦମାଇପାଲି ଗାଁର ୧୦ ଜଣ ଦାଦନ ଶ୍ରମିକ ଓ ସେମାନଙ୍କ ସହ ଥିବା ୬ ଜଣ ଶିଶୁଙ୍କୁ ଆନ୍ଧ୍ରପ୍ରଦେଶର ସମୟାଭାସର ଏକ ଇଟାଭାଟିରୁ ଉଦ୍ଧାର କରାଯାଇଛି। ଶ୍ରମ ବିଭାଗ ଓ ପୋଲିସ ସହାୟତାରେ ଉଦ୍ଧାର କରାଯିବା ପରେ ସେମାନଙ୍କୁ ମଙ୍ଗଳବାର ନିଜ ଗାଁକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯେ, ଉଦ୍ଧାର ଶ୍ରମିକମାନେ ଗତ ୩ ମାସ ତଳେ ପରିବାର ପ୍ରତିପୋଷଣ ନିମନ୍ତେ ଇଟାଭାଟିରେ କାମ ପାଇଁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ଖାଇବାକୁ ଦିଆ ନ ଯାଇ ଅଧିକ କାମ କରାଇ ନିର୍ଯାତନା ଦିଆଯାଉଥିବା ଶ୍ରମିକମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ଲୋକ ଶ୍ରମ ବିଭାଗ ଓ ଲରମ୍ଭା ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲରମ୍ଭା ଥାନାରେ ନଂ ୪୧/୨୬ରେ ଏକ ମାମଲା ରୁଜୁ ହୋଇଥିଲା । ସହକାରୀ ଶ୍ରମ ଅଧିକାରୀ ବିଭୁଦତ୍ତ ମଲ୍ଲିକ ଓ ଲରମ୍ଭା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବଙ୍କ ପ୍ରୟାସରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ସେଠାକୁ ଯାଇ ଶ୍ରମିକଙ୍କୁ ଉଦ୍ଧାର କରିବା ପରେ ସେମାନଙ୍କୁ ଦମାଇପାଲିରେ ଛଡା ଯାଇଥିବା ସହକାରୀ ଶ୍ରମ ଅଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି।



**ମନମୋହନ ପଡ଼ିଆର ରକ୍ଷଣାବେକ୍ଷଣ ଦାବି**

ଝାରସୁଗୁଡ଼ା, (ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସହର ମଧ୍ୟରେ ଥିବା ମନମୋହନ ପଡ଼ିଆର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ପଡ଼ିଆରେ ସରକାରୀ କାର୍ଯ୍ୟକ୍ରମ, ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା, ବାର୍ଷିକ ସଭା ସହ ଅନେକ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥାଏ। ହେଲେ ଏହି ପଡ଼ିଆର ଉନ୍ନତି ପାଇଁ ଧ୍ୟାନ ଦିଆଯାଉ ନ ଥିବାରୁ ଏଠାରେ ପ୍ରତିଦିନ ଖେଳୁଥିବା ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ଉକ୍ତ ପଡ଼ିଆର ରକ୍ଷଣାବେକ୍ଷଣ ପାଇଁ ଜିଲା ପ୍ରଶାସନ ନିକଟରେ ଦାବି ରଖାଯିବ ବୋଲି ଝାରସୁଗୁଡ଼ା ସହରର ସୁଧାଂଶୁ ବାରିଆ, ସଂକୀର୍ତ୍ତନ ପ୍ରଧାନ, ବଳିଆ ପଣ୍ଡା କହିଛନ୍ତି।

**ସଂକ୍ଷେପରେ**

## ଜାତୀୟ ସଟ୍‌ବଲ୍ ଦଳରେ ଆୟୁଷ

ଲଖନପୁର, ୧୦।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ପିଥିଣ୍ଡା ପଞ୍ଚାୟତ ତିଲଗି ଗ୍ରାମର



ଆୟୁଷ ସା ଜାତୀୟ ସଟ୍‌ବଲ୍ ଦଳରେ ସ୍ଥାନ ପାଇ ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଡିଲେଶ୍ୱର ସା ଏବଂ ଭାରତୀ ସାଙ୍କ ପୁଅ ଆୟୁଷ ବରଗଡ଼ ଜିଲା ବରପାଲି ଯୁକ୍ତ ୨ କଲେଜରେ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରନ୍ତି। ସେ ବରପାଲି କଲେଜରୁ ପ୍ରତିନିଧିତ୍ୱ କରି ରାଜ୍ୟସ୍ତରୀୟ ବହୁ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ୨୨ ତାରିଖରେ ଶ୍ରୀଲଙ୍କା କଲମ୍ବୋରେ ପ୍ରଥମ ଦକ୍ଷିଣ ଏସିଆ ଅନ୍ତର୍ଜାତୀୟ ଗୋଲ ସଟ୍‌ବଲ୍ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଆୟୁଷ ଭାଗନେଇ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବେ।

## ଅମୃତ ଭାରତ ଟ୍ରେନ୍ ମଞ୍ଜୁରୀ, ଓଡ଼ିଶା ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ: ବିଧାୟକ ଟଙ୍କଧର

ଝାରସୁଗୁଡ଼ା, ୧୦।୩(ଆଶିଷ ରଞ୍ଜନ ଦାଶ)

ଓଡ଼ିଶାରୁ ତାମିଲନାଡୁ, ଝାଡ଼ଖଣ୍ଡ ମଧ୍ୟରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ କୋଏମ୍ବାଟୁର୍‌ଠାରୁ ଧାନ୍‌ବାଦ ପର୍ଯ୍ୟନ୍ତ ଏକ ନୂତନ ଅମୃତ ଭାରତ ଟ୍ରେନ୍ ଭାରତୀୟ



ରେଳ ବିଭାଗ ଦ୍ୱାରା ମଞ୍ଜୁର ହେବା ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏନେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏହି ଅମୃତ ଭାରତ ଟ୍ରେନ୍ ଝାରସୁଗୁଡ଼ା ସହିତ ସମ୍ବଲପୁର, ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍ ଓ ରାଉରକେଲା ପରି ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ଯାତାୟାତ କରିବ।

## ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ଝାରସୁଗୁଡ଼ା, ୧୦।୩(ଆଶିଷରଞ୍ଜନଦାଶ)

ଝାରସୁଗୁଡ଼ା ଜିଲା କୁଡ଼ାଲୋଇ ଗ୍ରାମର ମହିମା ଆଶ୍ରମରେ ଅବଧୂତ ନେପାଲ ବାବାଙ୍କ ଅଧ୍ୟକ୍ଷତାରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ମହିମା ବାଲ୍ୟଲୀଳା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମଧୁନି ସ୍ଥାପନ, ଅଖଣ୍ଡବତି ଅର୍ପଣ ଓ ବିଶ୍ୱବାସୀଙ୍କ କଲ୍ୟାଣ ପାଇଁ ଅଲେଖ ନିରଞ୍ଜନଙ୍କ ପୂଜା କରାଯାଇଥିଲା। ଏଥିରେ ଅବଧୂତ ନେପାଲ ବାବାଙ୍କ ସମେତ ସାଧୁ ଫକୀର ଦାସ, ଭକ୍ତ ବିରଞ୍ଚି ସାହୁ, ଛତିଶଗଡ଼ର ସାଧୁ ନରହରି ତ୍ୟାଗୀ, ଭରତ ତ୍ୟାଗୀ, କୁଡ଼ାଲୋଇ ଗ୍ରାମର ଗବେଷକ ସୁରେଶ ପ୍ରଧାନଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆପତ୍ତିଜନକ ଭିଡିଓ ପଠାଇ ବ୍ଲାକ୍‌ମେଲ୍: ଯୁବକ ଗିରଫ

ଦେବଗଡ଼, ୧୦।୩(ଶଶାଙ୍କ ଶେଖର ଝାଙ୍କର)

ଯୁବତୀଙ୍କ ଆପତ୍ତିଜନକ ଫଟୋ ପଠାଇବା ସହ ପରିବାର ଲୋକଙ୍କୁ ବ୍ଲାକ୍‌ମେଲ୍ କରିବା ଅଭିଯୋଗରେ କୁଣ୍ଢେଇଗୋଲା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ରିଆମାଳ ଥାନା ଅଧୀନ ଦେବଝରଣ ଗ୍ରାମର ବୀରେନ କୁମାର ସାହୁ(୨୪)। ପୋଲିସ ସୂଚନା ଅନୁଯାୟୀ, ଦେବଗଡ଼ ସହରର ଏକ କଲେଜରେ ପଢୁଥିବା କୁଣ୍ଢେଇଗୋଲା ଥାନା ଅଞ୍ଚଳର ଜଣେ ଯୁବତୀଙ୍କର ଇତିମଧ୍ୟରେ ବିବାହ ସ୍ଥିର ହେବା ସହ ନିର୍ବନ୍ଧ ଶେଷ ହୋଇଯାଇଛି। ହେଲେ ବୀରେନ ରବିବାର ଉକ୍ତ ଯୁବତୀଙ୍କ ଭାଇଙ୍କୁ ମୋବାଇଲ ହ୍ୱାଟ୍ସଆପ୍‌ରେ କଲ୍ କରି ଗାଳିଗୁଲଜ କରିବା ସହ ତୋ ଭଉଣୀ ମୋ ସହିତ ସମ୍ପର୍କରେ ଅଛି, ତାକୁ ଅନ୍ୟତ୍ର ବିଭାଘର କରିପାରିବ ନାହିଁ। ଯଦି ତୁମ ପରିବାର ତାକୁ ଅନ୍ୟତ୍ର ବିଭାଘର କର ତେବେ ତୁମ ଝିଅ, ଜ୍ୱାଇଁ ଓ ତୁମ ପରିବାରକୁ ଟାଙ୍ଗିଆରେ ହାଣି ହତ୍ୟା କରିବି ବୋଲି ଧମକ ଦେଇଥିଲେ। ଏଥିସହ ବୀରେନ ବାରମ୍ବାର ଫୋନ୍ କରି ଯୁବତୀଙ୍କ ପରିବାର ଲୋକଙ୍କୁ ଧମକ ଦେଉଥିଲେ। ଏପରିକି ବୀରେନ ସମ୍ପୃକ୍ତ ଯୁବତୀଙ୍କ ଦୁର୍ବଳ ମୁହୂର୍ତ୍ତର ଆପତ୍ତିଜନକ ଫଟୋ ପଠାଇ ପରିବାର ଲୋକଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏନେଇ ଯୁବତୀଙ୍କ ଭାଇ କୁଣ୍ଢେଇଗୋଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

# ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ



ବୈଠକରେ ପୋଲିସ ଅଧିକାରୀ ଓ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ।

**ଜିଲାସ୍ତରୀୟ ଶାନ୍ତି କମିଟି ବୈଠକ**

ଝାରସୁଗୁଡ଼ା, ୧୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଜିଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ପରିଷଦ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସମ୍ପ୍ରଦାୟର ନେତୃବୃନ୍ଦ ଉପସ୍ଥିତ ଥିଲେ। ଆସନ୍ତା ରାମ ନବମୀ ଓ ଅନ୍ୟାନ୍ୟ ପର୍ବକୁ ଦୃଷ୍ଟିରେ ରଖି ସହରରେ ଶାନ୍ତିଶୃଙ୍ଖଳା ଓ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଶୋଭାଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଥିବାବେଳେ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ବିଶେଷକରି ମୁସ୍‌ଲିମ୍ ସମ୍ପ୍ରଦାୟର ନମାଜ ପାଠ ସମୟ ଏବଂ ରାମ ନବମୀ ଶୋଭାଯାତ୍ରାର ସମୟ ମଧ୍ୟରେ ଯେପରି କୌଣସି ବିଭ୍ରାଟ ନ ହୁଏ, ସେଥିପାଇଁ ଧର୍ମଗୁରୁମାନଙ୍କ ସହ ସମନ୍ୱୟ ରକ୍ଷା କରି ସମୟ ନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶୋଭାଯାତ୍ରା ସମୟରେ ମାରଣାସ୍ତ୍ର ପ୍ରଦର୍ଶନକୁ ବାରଣ କରାଯାଇଥିବାବେଳେ ଡିଜେ ଶବ୍ଦ ୬୫ ଡେସିବଲ ମଧ୍ୟରେ ସୀମିତ ରଖିବାକୁ ହେବ। ପୋଲିସ ପକ୍ଷରୁ ଡ୍ରୋନ୍ କ୍ୟାମେରା ଏବଂ ଚେନ୍ ଲୁଟ୍ ରୋକିବା ପାଇଁ ସ୍ୱତନ୍ତ୍ର ଆଣ୍ଟି-ସ୍ନାଚିଂ ସ୍କ୍ୱାଡ୍ ମୁତୟନ କରାଯିବ। ବାଇକ୍ ଶୋଭାଯାତ୍ରାରେ ଟ୍ରିପଲ ରାଇଡିଂ ଓ ଷ୍ଟଣ୍ଟ ପ୍ରଦର୍ଶନକୁ ବାରଣ କରାଯାଇଛି। ଏଥିସହ ଧାର୍ମିକ ପତାକାର ସମ୍ମାନଜନକ ବିସର୍ଜନ ଉପରେ ଗୁରୁତ୍ୱାରୋପ କରାଯାଇଛି।

## ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉ

ଦେବଗଡ଼, ୧୦।୩(ଶଶାଙ୍କ ଶେଖର ଝାଙ୍କର)

ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ପରୀକ୍ଷାଗାର ଜରିଆରେ ରକ୍ତ ସଂଗ୍ରହ ଓ ପରୀକ୍ଷା, ୧୦ଟି ପର୍ଯ୍ୟବେକ୍ଷଣ ଶଯ୍ୟା, ଫିଜିଓଥେରାପି ୟୁନିଟ୍ ସମେତ ପୂର୍ଣ୍ଣକାଳୀନ ନିଯୁକ୍ତି ନେଇ ଦେବଗଡ଼ ଜିଲା ନାଗରିକ କମିଟି ଏବଂ ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଦସ୍ୟ ଓ କର୍ମକର୍ତ୍ତା ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଧନୁର୍ଜୟ ମହାନ୍ତଙ୍କ ସହ ଆଲୋଚନା କରିଛନ୍ତି। ଜିଲା ନାଗରିକ କମିଟି ସଭାପତି ସୁଶୀଳ କୁମାର କପରଦାର, ସମ୍ପାଦକ ଲକ୍ଷ୍ମଣ କୁମାର ପ୍ରଧାନ, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସମ୍ପାଦକ ଗୌରହରୀ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲା ନାଗରିକ କମିଟି ସଦସ୍ୟ ମଞ୍ଜୁଲ କୁମାର ନାଏକ, ସୁଦାମ ବୁଡା, ନରୋତ୍ତମ ସାହୁ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଡିଏମ୍‌ଓ ମହାନ୍ତଙ୍କୁ ସାକ୍ଷାତ୍ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ପୁରୁଣା ମୁଖ୍ୟ ଚିକିତ୍ସାଳୟ କୋଠାରେ ତୁରନ୍ତ ଏହି ସବୁ ସୁବିଧା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଝାରସୁଗୁଡ଼ା, ୧୦।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୬ ଜଣ ବରିଷ୍ଠ ନାଗରିକଙ୍କୁ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ସୁଧାଂଶୁ ଦୋରା, ଏମ୍‌ପିଙ୍କ ପ୍ରତିନିଧି ସୁବ୍ରତ ତ୍ରିପାଠୀ, ବିଧାୟକଙ୍କ ପ୍ରତିନିଧି ବିମଳେନ୍ଦୁ ଭୋଳ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଲଳିତ ସୋରେଙ୍ଗ, ସଞ୍ଜୀବ ପଟେଲଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ରହି ଯାତ୍ରୀଙ୍କ ସୁବିଧା ଅସୁବିଧା ବିଷୟରେ ତଦାରଖ କରିଥିଲେ।

## ହୋଟେଲରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ିକୁ ଗୁରୁତ୍ୱ

**ହୋଟେଲ ମାଲିକ-ଏସ୍‌ପିଙ୍କ ମଧ୍ୟରେ ଆଲୋଚନା**

ଝାରସୁଗୁଡ଼ା, ୧୦।୩(ଆଶିଷ ରଞ୍ଜନ ଦାଶ)



ବୈଠକରେ ଏସ୍‌ପି ଉଦ୍‌ବୋଧନ ଦେଉଛନ୍ତି।

ଝାରସୁଗୁଡ଼ା ଜିଲାର ସମସ୍ତ ହୋଟେଲ ମାଲିକ ଏବଂ ମ୍ୟାନେଜରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଟେଲଗୁଡ଼ିକରେ ବିଦେଶୀ ପର୍ଯ୍ୟଟକଙ୍କ ପଞ୍ଜୀକରଣ, ଅତିଥିମାନଙ୍କ ଯାଞ୍ଚ, ସୁରକ୍ଷା ବ୍ୟବସ୍ଥା ଏବଂ ଅସାମାଜିକ କାର୍ଯ୍ୟକଳାପ ରୋକିବା ଉପରେ ଆଲୋଚନା କରାଯାଇଥିଲା। ଏସ୍‌ପି ରାଘବେନ୍ଦ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ବିଦେଶୀ ଅତିଥିଙ୍କ ପାଇଁ ଫର୍ମ-ସି ଦାଖଲ କରିବା, ଅତିଥିଙ୍କ ଠିକ୍ ତଥ୍ୟ ରଖିବା, ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ସୂଚନା ଦେବା ଏବଂ ହୋଟେଲ ପରିସରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ଆଇନଗତ ଆତିଥ୍ୟ ସେବା ବଜାୟ ରଖିବା ପାଇଁ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ହୋଟେଲ ମାଲିକଙ୍କୁ ଅନୁରୋଧ କରାଯାଇଥିଲା। ଏହି ବୈଠକରେ ଜିଲା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ

ବେଲପାହାଡ଼, ୧୦।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ନୂତନ ନିର୍ଦ୍ଦେଶକ ଭାବେ ବିଶ୍ୱନାଥ ଭୋଇ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା ପୂର୍ବରୁ ସେ ଗଞ୍ଜାମଠାରେ ନାବାର୍ଡ ପ୍ରକଳ୍ପ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସାଜିତ୍ କୁଜୁର, ଅରୁଣ ପୁରୋହିତ, ରଶ୍ମି ରଞ୍ଜନ ମହାନ୍ତି ଓ ସନ୍ଧ୍ୟାରାଣୀ ବାଗ୍ ପ୍ରମୁଖ କେନ୍ଦ୍ର କର୍ମଚାରୀମାନେ ନୂତନ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ କେନ୍ଦ୍ର ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

## ପ୍ଲାଷ୍ଟିକ୍, ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ

ଦେବଗଡ଼, ୧୦।୩ (ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ପ୍ଲାଷ୍ଟିକ, ପଲିଥିନ ନିୟନ୍ତ୍ରଣ ସମନ୍ୱୟ କମିଟି ବୈଠକ**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ ନିୟନ୍ତ୍ରଣ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ ବ୍ୟବହାର ନ କରିବା ଲାଗି ଲୋକଙ୍କୁ ସଚେତନ କରିବା ସହ ବିଭିନ୍ନ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ପୌରାଞ୍ଚଳ, ବ୍ଲକ୍ ଓ ଗ୍ରାମାଞ୍ଚଳ ସାପ୍ତାହିକ ହାଟ ବଜାରରେ ପ୍ଲାଷ୍ଟିକ, ପଲିଥିନ ଓ ଥର୍ମକୁଲ ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ପ୍ରକଳ୍ପ ନିର୍ଦ୍ଦେଶିକା ସନ୍ଧ୍ୟା ମାଝୀ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରିତିକାନ୍ତ ଶୁକ୍ଳା, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲା ଜରୁରୀକାଳିନ ଅଧିକାରୀ ମୁକେଶ ଭୋଇ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ବୈଠକ

ଝାରସୁଗୁଡ଼ା, ୧୦।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ କନ୍‌ଫରେନ୍ସ ହଲ୍‌ରେ ଜଙ୍ଗଲ ଅଧିକାର ଆଇନ-୨୦୦୬ ସମ୍ପର୍କିତ ଜିଲାସ୍ତରୀୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ଜିଲା ମଙ୍ଗଳ ଅଧିକାରୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜଙ୍ଗଲ ଜମିର ଅଣ-ଜଙ୍ଗଲ ବ୍ୟବହାର ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ବେଦାନ୍ତ କମ୍ପାନୀର କୁଦାଲୋଇ (ଏ) ନର୍ଥ କୋଇଲା ଖଣି ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ବ୍ୟବହାର ପ୍ରସ୍ତାବକୁ କମିଟି ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଓପିଟିସିଏଲ ପକ୍ଷରୁ ଟ୍ରାନ୍ସମିଶନ ଲାଇନ ପାଇଁ ଦିଆଯାଇଥିବା ପ୍ରସ୍ତାବରେ ଆବଶ୍ୟକ ଦସ୍ତାବିଜ ଅଭାବ ଥିବାରୁ ଏହାକୁ ପରବର୍ତ୍ତୀ ବୈଠକ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି କିର୍ମିରା ଓ ଲଖନପୁର ବ୍ଲକ୍ ଅଞ୍ଚଳର ୬୪ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଦାବି କ୍ଷେତ୍ରରେ ପୂର୍ବରୁ କିଛି ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଥିଲା, ଯେଉଁଥିପାଇଁ ଜମି ସ୍ୱତ୍ୱଲିପି ସଂଶୋଧନରେ ସମସ୍ୟା ଉପୁଜୁଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ଯେ, ଯେଉଁ ହିତାଧିକାରୀ ପ୍ରକୃତରେ ଜଙ୍ଗଲ ଜମି ଦଖଲରେ ନାହାନ୍ତି, ସେମାନଙ୍କ ଦାବିକୁ ନାକଚ କରାଯିବ। ଆଗାମୀ ଦିନରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ସମସ୍ତ ଦାବିର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଭେଡେନ୍ ନଦୀ ଜଳକୁ କମ୍ପାନୀ ବେଆଇନ ବ୍ୟବହାର କରିବା ଅଭିଯୋଗ

ଝାରସୁଗୁଡ଼ା, ୧୦।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ହିର୍ମାଠାରେ ଥିବା ଏସ୍‌ଏମ୍‌ସି ୟୁନିଟ୍-୧(ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍) ଭେଡେନ୍ ନଦୀରୁ ବେଆଇନ ଭାବେ ଜଳ ନେଇ କମ୍ପାନୀ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ହୋଇଛି। ଏନେଇ ହିର୍ମା ସରପଞ୍ଚ ଲକ୍ଷ୍ମୀ ବାଦୀ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଗ୍ରୀଷ୍ମଋତୁରେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନିକ ଅନୁମତି ନ ନେଇ ପାଇପ୍‌ଲାଇନ୍ ମାଧ୍ୟମରେ ଭେଡେନ୍ ନଦୀରୁ ଜଳ ସଂଗ୍ରହ କରି କମ୍ପାନୀ କାର୍ଯ୍ୟରେ ବ୍ୟବହାର କରୁଛି। ଗତ ୩ ବର୍ଷ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ଫଳରେ ଏହି ନଦୀ ଜଳ ଉପରେ ନିର୍ଭର କରୁଥିବା ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ଅସୁବିଧା ହେଉଛି। ତେଣୁ ଉକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ୨୦୨୪ ଅକ୍ଟୋବରରେ ଜିଲାପାଳ, ଉପଜିଲାପାଳ ଏବଂ ଏସ୍‌ପିଙ୍କୁ ଚିଠି ଲେଖିଥିଲେ। ହେଲେ ଏପର୍ଯ୍ୟନ୍ତ ଏନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। କମ୍ପାନୀ ବେଆଇନ ଭାବେ ନଦୀଜଳ ବ୍ୟବହାର କରିବା ଦ୍ୱାରା ସରକାରଙ୍କ ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି। ତୁରନ୍ତ ଉକ୍ତ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବା ସହ ଭେଡେନ୍ ନଦୀକୂଳରେ କମ୍ପାନୀ ପକ୍ଷରୁ ନିର୍ମାଣ ହୋଇଥିବା ପମ୍ପହାଉସ୍‌ଗୁଡିକ ସିଜ୍ କରାଯିବା ପାଇଁ ହିର୍ମା ସରପଞ୍ଚ ନିବେଦନ କରିଛନ୍ତି। ଏସ୍‌ଏମ୍‌ସି ୟୁନିଟ୍-୧(ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ୍) କମ୍ପାନୀର ଅଧିକାରୀ ଏଲ୍.ଏନ୍. ମିଶ୍ର କହିଛନ୍ତି, ଆମ ପାଖରେ ଏ ସମ୍ପର୍କରେ କୌଣସି ଅଭିଯୋଗ ନାହିଁ। ଆମେ ବେଆଇନ ଭାବେ ଭେଡେନ୍ ନଦୀ ଜଳ ବ୍ୟବହାର କରୁନାହୁଁ। ଅପରପକ୍ଷେ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଶ୍ରୀମନ୍ଦିର ଅଭିମୁଖେ ଯାତ୍ରାକଲେ ୩୬ ବରିଷ୍ଠ ନାଗରିକ



କାର୍ଯ୍ୟକ୍ରମରେ ଅଧିକାରୀଙ୍କ ଗହଣରେ ବରିଷ୍ଠ ନାଗରିକ।

ଦେବଗଡ଼, ୧୦।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ବାଲିରୋଇସ୍ଥିତ ନୂତନ ବସ୍‌ଷ୍ଟାଣ୍ଡଠାରେ ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥିଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ପତାକା ଦେଖାଇ ଯାତ୍ରୀ ବସ୍‌କୁ ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ୩ ବ୍ଲକ ଓ ପୌରାଞ୍ଚଳରୁ ୨୦ଜଣ ମହିଳା ଓ ୧୬ ଜଣ ପୁରୁଷ ପେନ୍‌ସନ୍‌ଧାରୀ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମର ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ବସ୍‌ରେ ଯାତ୍ରୀମାନେ ବାହାରିଥିଲେ। ଯାତ୍ରୀମାନଙ୍କ ଯାତ୍ରା ସଫଳ ହେଉ ଏବଂ ସେମାନଙ୍କ ମନସ୍କାମନା ପୂରଣ ହେଉ ବୋଲି ଜିଲାପାଳ ପ୍ରାର୍ଥନା କରିଥିଲେ। ପ୍ରତ୍ୟେକ ଯାତ୍ରୀଙ୍କୁ ସୁବିଧା ପାଇଁ ଏକ କିଟ୍ ଦିଆଯାଇଥିଲା। ଯାତ୍ରୀଙ୍କୁ ସୁରକ୍ଷିତ ନେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜଣେ ଏସ୍କର୍ଟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣେ ମେଡିକାଲ ଅଫିସର, ଓଏସ୍‌ଆର୍‌ଟିସିର ଜଣେ ଅଧିକାରୀଙ୍କୁ ଏହି ଯାତ୍ରାରେ ନିୟୋଜିତ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଓଏସ୍‌ଆର୍‌ଟିସି ମ୍ୟାନେଜର ଚିରଞ୍ଜୀବି ବିଶ୍ୱାଳ, ଆସିଷ୍ଟାଣ୍ଟ ମ୍ୟାନେଜର ଦିଲୀପ କୁମାର ଚୌଧୁରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶିନୀବାସୀ ଜାନି, ସହକାରୀ ଜିଲାପାଳ ତାପସ ମହନ୍ତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଝାରସୁଗୁଡ଼ା, ୧୦।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଏଚ୍. କଣ୍ଟାପାଲିସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ନିମନ୍ତେ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଚ୍ଛାୟତ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ନିମନ୍ତେ ପ୍ରଶିକ୍ଷଣର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ କହିଥିଲେ। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ. ଶମ୍ଭୁ ଖମାରୀ ଆତ୍ମରକ୍ଷା ନିମନ୍ତେ ବୁଦ୍ଧି ପ୍ରୟୋଗ କରିବାକୁ ପ୍ରବର୍ତ୍ତାଇଥିଲେ। ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁସଂଖ୍ୟକ ଛାତ୍ରୀ ଯୋଗଦେଇଥିଲେ।




ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।



